# ବିପ୍ଳବୀ ଚରିତ୍ର
# ଅର୍ଜନର ସଂଗ୍ରାମରେ
# ନିବିଡଭାବେ
# ଆତ୍ମନିୟୋଗ କରନ୍ତୁ


## ପ୍ରଭାଷ ଘୋଷ


ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)

**SUCI(C)**

# ବିପ୍ଳବୀ ଚରିତ୍ର ଅର୍ଜନର ସଂଗ୍ରାମରେ
# ନିବିଡଭାବେ ଆତ୍ମନିୟୋଗ କରନ୍ତୁ

**—— ପ୍ରଭାଷ ଘୋଷ**

ପ୍ରଥମ ମୁଦ୍ରଣ: ୯ ଡିସେମ୍ବର ୨୦୨୪

**ପ୍ରକାଶକ:** ବିଷ୍ଣୁ ଦାସ
ସଂପାଦକମଣ୍ଡଳୀ ସଦସ୍ୟ
ଏସ୍.ୟୁ.ସି.ଆଇ.(ସି), ଓଡିଶା ରାଜ୍ୟ କମିଟି
୬୧, ଗଙ୍ଗୋତ୍ରୀ ନଗର, ରୋଡ ନଂ -୩
ଶିଶୁପାଳଗଡ, ଭୁବନେଶ୍ୱର- ୨
ଫୋନ୍- ୯୪୩୮୦୩୩୯୩୫
୯୪୩୭୩୮୨୦୨୧

**ମୁଦ୍ରଣ:** ପାୟୋନିୟର ପ୍ରେସ,
ଭୁବନେଶ୍ୱର

**ମୂଲ୍ୟ : ୧୦ଟଙ୍କା**

# ପ୍ରକାଶକଙ୍କ କଥା

ଗତ ଅଗଷ୍ଟ ୬ ତାରିଖ ୨୦୨୪ ଦିନ କଲିକତାର ନଜରୁଲ ମଞ୍ଚରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପଶ୍ଚିମବଙ୍ଗ ରାଜ୍ୟ କମିଟି ଉଦ୍ୟୋଗରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାକୁ ପରିଚାଳନା କରିଥିଲେ ଆମ ଦଳର ପ୍ରିୟ ସାଧାରଣ ସମ୍ପାଦକ କମ୍ରେଡ୍ ପ୍ରଭାଷ ଘୋଷ। ସେ ତାଙ୍କର ବକ୍ତବ୍ୟରେ ନେତା-କର୍ମୀମାନଙ୍କର ନିଜକୁ ବିପ୍ଳବୀଭାବେ ଗଢିତୋଳିବା ଏବଂ ସଂଗଠନର ବିସ୍ତାର ଓ ସଂହତି ନିମନ୍ତେ ପ୍ରୟୋଜନୀୟ କରଣୀୟ ପଦକ୍ଷେପ ସମ୍ପର୍କରେ ବିସ୍ତାରିତ ଆଲୋଚନା କରିଥିଲେ। ଏଥି ସହିତ ଦଳର ସର୍ବସ୍ତରର ନେତା-କର୍ମୀମାନଙ୍କ ନିକଟରେ ବିପ୍ଳବୀ ଚରିତ୍ର ଅର୍ଜନର ସଂଗ୍ରାମରେ ଆହୁରି ନିବିଡ଼ଭାବେ ଆତ୍ମନିୟୋଗ କରିବା ପାଇଁ ଆବେଦନ ଜଣାଇଥିଲେ।

ସେହି ବକ୍ତବ୍ୟଟିକୁ 'ବିପ୍ଳବୀ ଚରିତ୍ର ଅର୍ଜନର ସଂଗ୍ରାମରେ ନିବିଡ଼ଭାବେ ଆତ୍ମନିୟୋଗ କରନ୍ତୁ' ଶିରୋନାମାରେ ଆମେ ଓଡିଆ ଭାଷାରେ ପ୍ରକାଶ କରୁଛୁ। ଉକ୍ତ ପୁସ୍ତିକାଟି ଏକ ପ୍ରକୃତ କମ୍ୟୁନିଷ୍ଟ ଦଳର ଆଭ୍ୟନ୍ତରୀଣ ସଂଗ୍ରାମ କେଉଁ ନୈତିକତାର ଭିତ୍ତିରେ ପରିଚାଳିତ ହୁଏ, ତାହା ପାର୍ଟିର ଉଭୟ ନେତା କର୍ମୀ ତଥା ବୃହତ୍ତର ଜନସାଧାରଣଙ୍କର ବୁଝିବା କ୍ଷେତ୍ରରେ ଉପାଦେୟ ହେବ ବୋଲି ଆମେ ଆଶା କରୁ।

ଅନୁବାଦ ଓ ମୁଦ୍ରଣ ଜନିତ ତ୍ରୁଟି ପାଇଁ ଆମେ ଦାୟୀ।

୯ ଡିସେମ୍ବର ୨୦୨୪
ଭୁବନେଶ୍ୱର

**ବିଷ୍ଣୁ ଦାସ**
ଏସ୍.ୟୁ.ସି.ଆଇ(ସି)
ଓଡ଼ିଶା ରାଜ୍ୟ କମିଟି

# ବିପ୍ଳବୀ ଚରିତ୍ର ଅର୍ଜନର ସଂଗ୍ରାମରେ ନିବିଡଭାବେ ଆତ୍ମନିୟୋଗ କରନ୍ତୁ

କମ୍ରେଡ୍ସ୍,

ମୋର ଅନେକ କିଛି କହିବାର ଥିଲା, କିନ୍ତୁ ଆପଣମାନେ ଦେଖିଛନ୍ତି ଗତକାଲି ମଧ୍ୟ ମୁଁ ଅଧିକ ସମୟ କହି ପାରି ନାହିଁ। ବର୍ତ୍ତମାନ ମୋର ଶାରୀରିକ ଅବସ୍ଥା ଭଲ ନାହିଁ। ମୁଁ ଜାଣେ, ଗତ ଲୋକସଭା ନିର୍ବାଚନରେ ଆପଣମାନେ ସମସ୍ତେ ହିଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି। ଜନସାଧାରଣଙ୍କ ନିକଟରୁ ଯେଉଁ ସମର୍ଥନ ଆପଣମାନେ ପାଇଛନ୍ତି, ତା' ଦ୍ୱାରା ଆପଣମାନେ ଅନୁପ୍ରାଣିତ, ଉଦ୍ଦୀପିତ- ଏହି ଖବର ମଧ୍ୟ ମୁଁ ପାଇଛି। ରାଜନୈତିକ ପରିସ୍ଥିତି ଦିଗରୁ କହିବାକୁ ଗଲେ ଦୁଇ ବୁର୍ଜୁଆ ଦଳ ବି.ଜେ.ପି ଏବଂ କଂଗ୍ରେସ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଜର୍ଜରିତ। ବୁର୍ଜୁଆମାନଙ୍କ ମଧ୍ୟରେ ଯେମିତି ଅନ୍ତର୍ଦ୍ୱନ୍ଦ୍ୱ ହୁଏ, ବଜାରକୁ ନେଇ ମରାମରି କାମୁଡାକାମୁଡି ହୁଏ, ଠିକ୍ ସେମିତି ହିଁ ଏହି ଦଳଗୁଡ଼ିକ ମଧ୍ୟରେ କ୍ଷମତାକୁ ନେଇ ଥିବା ଦ୍ୱନ୍ଦ୍ୱ, ନେତୃତ୍ୱକୁ ନେଇ ଥିବା ଦ୍ୱନ୍ଦ୍ୱ, କନ୍ଦଳ ବର୍ତ୍ତମାନ ଖୋଲାଖୋଲିଭାବେ ଲୋକଲୋଚନକୁ ଆସିଛି। ଜନଗଣଙ୍କ ମଧ୍ୟରେ ପ୍ରବଳ ବିକ୍ଷୋଭ ଥିବା ସତ୍ତ୍ୱେ ବି ଆମ ଦେଶରେ କୌଣସି ଶକ୍ତିଶାଳୀ ବାମପନ୍ଥୀ ଆନ୍ଦୋଳନ ଗଢି ତୋଳାଯାଇ ପାରୁ ନାହିଁ। ସଂଶୋଧନବାଦୀ ସି.ପି.ଆଇ କିଛି ବୃଦ୍ଧ ଲୋକଙ୍କ ପାର୍ଟିରେ ପରିଣତ ହୋଇଛି। ଅବିଭକ୍ତ ସି.ପି.ଆଇ ଓ ପରବର୍ତ୍ତୀ ସମୟରେ ସି.ପି.ଆଇ(ଏମ୍) ରିଫରମିଷ୍ଟ ଲେଫ୍ଟ ପାର୍ଟି ହେବା ସତ୍ତ୍ୱେ ବି ୧୯୬୬ ମସିହା ପର୍ଯ୍ୟନ୍ତ ଗଣଆନ୍ଦୋଳନ ଗଢି ତୋଳିବା କ୍ଷେତ୍ରରେ ଯେତିକି ବି ଭୂମିକା ପାଳନ କରୁଥିଲେ, ସରକାରୀ କ୍ଷମତାକୁ ଆସିବା ପରଠାରୁ ହିଁ ସେମାନେ ସେହି ରାସ୍ତା ପରିତ୍ୟାଗ କରିଛନ୍ତି। ଅତୀତରେ ସି.ପି.ଆଇ-ସି.ପି.ଆଇ(ଏମ୍)ର ଯେଉଁ କର୍ମୀମାନଙ୍କୁ ଆମେ ଜାଣିଥିଲୁ, ଚିହ୍ନିଥିଲୁ, ସେମାନଙ୍କ ମଧ୍ୟରେ ଯେତିକି ବି ତତ୍ତ୍ୱ ଚର୍ଚ୍ଚା ଥିଲା, ବର୍ତ୍ତମାନ ତାର ସାମାନ୍ୟ ଟିକକ ବି ନାହିଁ। ଏକ ବୁର୍ଜୁଆ ଦଳ ଯେମିତି ଚିନ୍ତା କରେ, ସେମିତି ସେମାନେ ଏମ୍.ଏଲ.ଏ, ଏମ୍.ପି, ମନ୍ତ୍ରୀତ୍ୱର ଗାଦି ବାହାରେ ଆଉ କିଛି ଚିନ୍ତାକରି ପାରୁ ନାହାନ୍ତି। ଯଦିଓ,

ଆଜି ବି ସି.ପି.ଆଇ(ଏମ୍) ଭାରତବର୍ଷରେ ବୃହତ ବାମପନ୍ଥୀ ଦଳ। ତେବେ ଆନ୍ଦୋଳନ ଗଢିତୋଳିବା କ୍ଷେତ୍ରରେ ସି.ପି.ଆଇ(ଏମ୍)ର ପୂର୍ବର ସେହି ଭୂମିକା ଆଉ ନାହିଁ। ସେମାନଙ୍କ କର୍ମୀମାନଙ୍କ ମଧ୍ୟରେ ବି ଚୂଡାନ୍ତ ହତାଶା, ନିଷ୍କ୍ରିୟତା ଦେଖାଦେଇଛି। ତୁଳନାମୂଳକଭାବେ ଆମର ଶକ୍ତି କମ୍ ହେଲେ ବି ଆମେ କିନ୍ତୁ ଭାରତବର୍ଷରେ ଦ୍ୱିତୀୟ ବୃହତ୍ତମ ବାମପନ୍ଥୀ ପାର୍ଟିଭାବେ ଇମର୍ଜ କରୁଛୁ(ଗଢି ଉଠୁଛୁ)। ସି.ପି.ଆଇ.ଏମ୍.ଏଲ (ଲିବରେସନ୍)ବିହାରରେ ଆର.ଜେ.ଡି ସହିତ ମେଣ୍ଟ କରି କାଷ୍ଟିଜିମ୍ (ଜାତିବାଦ)ର ଚର୍ଚ୍ଚା କରି କିଛି ସିଟ ପାଇଛି। ମାତ୍ର ସମଗ୍ର ଭାରତବର୍ଷରେ ସେମାନଙ୍କର ସେହି ଭୂମିକା ନାହିଁ।

ଅନ୍ୟଦିଗରେ ଆମର କର୍ମୀମାନେ ଯେଉଁଠାକୁ ହିଁ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ନେଇ ଯାଉଛନ୍ତି, ସେଠାରେ ଗ୍ରହଣୀୟ ହେଉଛନ୍ତି, ସମର୍ଥନ ମଧ୍ୟ ପାଉଛନ୍ତି। ଏକମାତ୍ର ଉତ୍ତରପୂର୍ବ ଭାରତର କେତୋଟି ରାଜ୍ୟକୁ ବାଦ ଦେଲେ, ଭାରତବର୍ଷର ସମସ୍ତ ରାଜ୍ୟରେ ଆମେ ପହଞ୍ଚି ଯାଇଛୁ ଏବଂ ବିଭିନ୍ନ ଧରଣର ସଂଗଠନ ଗଢି ଉଠୁଛି। ବିଭିନ୍ନ ରାଜ୍ୟରେ ଶିକ୍ଷିତ-ବୁଦ୍ଧିଜୀବୀ-ଚିନ୍ତାଶୀଳ ବ୍ୟକ୍ତିମାନେ ଆମ ବକ୍ତବ୍ୟ ପ୍ରତି ଆକୃଷ୍ଟ ହେଉଛନ୍ତି, ଆମର ଶିକ୍ଷା ଆନ୍ଦୋଳନ, ନେତାଜୀଙ୍କର ବିଭିନ୍ନ କାର୍ଯ୍ୟକ୍ରମ ସମେତ ବହୁବିଧ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେଉଛନ୍ତି। ନେତାଜୀ ଭବନରେ ଶିଶିର ବସୁଙ୍କର ଉତ୍ତରାଧିକାରୀ ଆମ ନେତାମାନଙ୍କୁ ନିମନ୍ତ୍ରଣ କରି ପାଛୋଟି ନେଇ ଯାଇଛନ୍ତି। ଗତ ୫ ଅଗଷ୍ଟର ବକ୍ତବ୍ୟ ଶୁଣି ସେମାନେ ଆକୃଷ୍ଟ ହୋଇଛନ୍ତି ଏବଂ କହିଛନ୍ତି, ନେତାଜୀଙ୍କୁ ନେଇ ଆମର ଆନ୍ଦୋଳନରେ ସେମାନେ ସହଯୋଗିତା କରିବାକୁ ପ୍ରସ୍ତୁତ। ବିଭିନ୍ନ ରାଜ୍ୟରେ ପ୍ରାକ୍ତନ ଭାଇସ୍‌ଚ୍ୟାନ୍‌ସେଲର, ଅଧ୍ୟକ୍ଷ, ଆଇନ୍‌ଜୀବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଯେଉଁମାନେ ଚିନ୍ତା ଜଗତରେ ଏକ ପ୍ରଭାବ ବିସ୍ତାର କରନ୍ତି-ଏମାନେ ଆମ ଦଳକୁ ବା ଦଳର ଚିନ୍ତାକୁ ସମ୍ପୂର୍ଣ୍ଣଭାବେ ବୁଝି ନପାରିଲେ ମଧ୍ୟ ଅଥବା ଆଜି ବି ମାର୍କ୍ସବାଦ ପ୍ରତି ଆକୃଷ୍ଟ ନହୋଇ ପାରିଲେ ବି ଯେଉଁ ଆନ୍ଦୋଳନର କର୍ମସୂଚୀ ଆମେ ନେଉଛୁ, ସେଥିରେ ସେମାନେ ସର୍ବାତ୍ମକ ସହଯୋଗିତା କରୁଛନ୍ତି। ସେମାନେ ମନେକରୁଛନ୍ତି, ଏହା ହିଁ ଏକମାତ୍ର ଦଳ ଯିଏ ଏଦେଶର ଜନଗଣଙ୍କ ସ୍ୱାର୍ଥରେ ଏକ ସଠିକ ସଂଗ୍ରାମୀ ଭୂମିକା ପାଳନ କରୁଛି। ଆଜି ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଛି ଯାହା ଅତୀତରେ ଅଭାବିତ ଥିଲା। ମୁଁ ମୋ ଭାଷାରେ କହୁଛି, ଆମର ମହାନ୍ ନେତାଙ୍କର ଉକ୍ତି ଥିଲା, ମୋତେ ଗୁଳି କରି ମାରି ଦିଆଯାଇପାରେ, ମୁଁ ଅନାହାରରେ ମୃତ୍ୟୁବରଣ କରିବି, ମାତ୍ର ସର୍ବହରା ବିପ୍ଳବର ପ୍ରୟୋଜନରେ ସତ୍ୟ ବୋଲି ଯାହା ବୁଝିଛି, ତା’

ପାଇଁ ମୁଁ ଲଢ଼େଇ କରିଯିବି। ଏହି ବିପ୍ଳବୀ ଆଦର୍ଶ ନେଇ ଲଢ଼ି ଯିବି। ତା' ଦ୍ୱାରା ଏହି ଟିକକ ହୁଏତ ହେବ– ଜଣେ ଲୋକ ରାସ୍ତାରେ ପଡି ଅନାହାରରେ ମରିଯାଇଛି, କିନ୍ତୁ କହିଯାଇଛି ଏଦେଶରେ ବିପ୍ଳବର ଏହା ହିଁ ଏକମାତ୍ର ସଠିକ ପଥ। ତାଦ୍ୱାରା ମଧ୍ୟ ଜଣେ, ଦୁଇ ଜଣ, ପାଞ୍ଚ ଜଣ, ଦଶ ଜଣ ଆକୃଷ୍ଟ ହେବେ, ଏହି ପଥରେ ହିଁ ଦିନେ ସତ୍ୟର ଅମୋଘ ଶକ୍ତି ବଳରେ ଶକ୍ତି ବୃଦ୍ଧି ହେବ। କମ୍ରେଡ୍ ଶିବଦାସ ଘୋଷ ପ୍ରଥମ ଜୀବନରେ ଯେତେବେଳେ ଦଳ ଆରମ୍ଭ କରିଥିଲେ, ସେ ଭାବିଥିଲେ ଯେ ହୁଏତ ଏହାଠାରୁ ବେଶୀ କିଛି କରି ପାରିବେ ନାହିଁ। ସାଥୀ ମାତ୍ର ୬ ଜଣ। ଏବିଷୟ ଆପଣମାନେ ସମସ୍ତେ ଜାଣନ୍ତି। ବହୁ ମିଟିଂରେ ଶୁଣିଛନ୍ତି। ମାତ୍ର ଦୁଃଖର ସହିତ କହିବାକୁ ବାଧ୍ୟ ହେଉଛି, କମ୍ରେଡ୍ ଶିବଦାସ ଘୋଷ ଏହି ଦଳଟିକୁ ଗଢ଼ିତୋଳିବାକୁ ଯାଇ ଯେଉଁ ଐତିହାସିକ ମରଣପଣ ସଂଗ୍ରାମ କରିଛନ୍ତି, କିଭଳି ରାସ୍ତାରେ, ଫୁଟ୍‌ପାତରେ ଜୀବନ କାଟିଛନ୍ତି, ଅନାହାରରେ ଦିନ ବିତାଇଛନ୍ତି, କେତେ ବ୍ୟଙ୍ଗବିଦ୍ରୁପ ସହ୍ୟ କରିଛନ୍ତି, ଯାହା ଆମ ବହିରେ ଅଛି, ତାଙ୍କ ବକ୍ତୃତାରେ ଅଛି, ଆପଣମାନେ ଜାଣନ୍ତି, ମାତ୍ର ଏସବୁ ସ୍ମରଣ କରନ୍ତି ନାହିଁ ବା ଏହାର ତାତ୍ପର୍ଯ୍ୟ ଆପଣମାନଙ୍କର ବିବେକକୁ ଆନ୍ଦୋଳିତ କରେ ନାହିଁ। ଏଗୁଡ଼ିକ ଅନେକାଂଶରେ ହିଁ କଥାର କଥା ହୋଇଯାଇଛି। ଏହାର ପରିଣତି ଖୁବ କ୍ଷତିକାରକ। ଗଭୀର ଶ୍ରଦ୍ଧାରେ ଆଖି ଆଗରେ କମ୍ରେଡ୍ ଶିବଦାସ ଘୋଷଙ୍କ ସେହି ଐତିହାସିକ ମହାନ୍ ସଂଗ୍ରାମକୁ ପ୍ରତିନିୟତ ଜୀବନ୍ତ ରଖିବାକୁ ହେବ, ଆବେଗରେ ବିବେକକୁ ଜାଗ୍ରତ ରଖିବାକୁ ହେବ। ଗତ ବର୍ଷ ୫ ଅଗଷ୍ଟରେ ତାଙ୍କର ଏହି ବକ୍ତବ୍ୟର କିଛି ଅଂଶ ପଢ଼ି ଶୁଣାଇଛି। ମୁଁ ଜାଣେ, ଆପଣମାନେ ସମସ୍ତେ ହିଁ ସତ୍। ଆପଣମାନେ ସମସ୍ତେ ହିଁ ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷଙ୍କୁ ଶ୍ରଦ୍ଧା କରନ୍ତି। ତାଙ୍କ ପ୍ରତି ଆପଣମାନଙ୍କର ଆବେଗ ଅଛି। ତାଙ୍କର ବୈପ୍ଳବିକ ଶିକ୍ଷା ପ୍ରତି ଆକୃଷ୍ଟ ହୋଇ ଏହି ଦଳକୁ ଆସିଛନ୍ତି। ତେବେ ଖାଲି ଏତିକି ହେଲେ ହିଁ କଣ ହୋଇଯିବ ଯଦି ତାଙ୍କର ଶିକ୍ଷାକୁ ପ୍ରତିଦିନର ଜୀବନରେ, ପ୍ରାତ୍ୟହିକ ସଂଗ୍ରାମରେ ପ୍ରୟୋଗ କରା ନଯାଏ ? ମୁଁ ଏହା ମଧ୍ୟ ଜାଣେ, ଦିନରାତି ପରିଶ୍ରମ କରୁଥିବା ବହୁ କର୍ମୀ ଅଛନ୍ତି, କିନ୍ତୁ କମ୍ରେଡ୍ ଶିବଦାସ ଘୋଷଙ୍କ ମୂଲ୍ୟବାନ ବକ୍ତବ୍ୟ ସମ୍ବଳିତ ପୁସ୍ତକ, ପାର୍ଟିର ପୁସ୍ତକ, ପାର୍ଟିର ମୁଖପତ୍ର ଅନେକେ ହିଁ ପ୍ରତିଦିନ ପଢ଼ନ୍ତି ନାହିଁ। ମୋ ସହିତ ଯେଉଁମାନଙ୍କର ଦେଖା ହୁଏ, ମୁଁ ପ୍ରାୟ ସେମାନଙ୍କୁ ପ୍ରତ୍ୟେକଙ୍କୁ ହିଁ ପଚାରେ, ସେମାନେ ପ୍ରତିଦିନ ପଢନ୍ତି କି ନାହିଁ, ଅଧିକାଂଶ କ୍ଷେତ୍ରରେ ସନ୍ତୋଷଜନକ ଉତ୍ତର ପାଏନା। ମୁଁ ପଚାରେ, ଶରତ ସାହିତ୍ୟ ପଢ ? ଆପଣମାନଙ୍କ ମଧ୍ୟରୁ ଅନେକେ

ଜାଣନ୍ତି ନାହିଁ ଯେ କେତେ ଦୁଃଖରେ ମୁଁ ଏକ ଆଲୋଚନା କରିଥିଲି । ଏଠାରେ କମ୍ରେଡ୍ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ ଅଛନ୍ତି । ମୋତେ ଶରତଚନ୍ଦ୍ରଙ୍କ ସମ୍ପର୍କରେ ଆଲୋଚନା କରିବାକୁ କହିଥିଲେ । ମୁଁ କହିଥିଲି, ବହୁ ଦିନ ହେଲା ଆଲୋଚନା କରି ନାହିଁ । ତୁମେ କମ୍ରେଡ୍ ମାଣିକ ମୁଖାର୍ଜୀ ବା କମ୍ରେଡ୍ ରଣଜିତ ଧରଙ୍କୁ ଆଲୋଚନା କରିବାକୁ କୁହ । ସେ ଚାଲିଯାଉଥିଲେ, ମୁଁ ପୁଣି ଡାକି କହିଲି ଯେ ମୁଁ ଆଲୋଚନା କରିବି । ମୁଁ ଶରତଚନ୍ଦ୍ରଙ୍କ ବିଭିନ୍ନ ପୁସ୍ତକରୁ ଉଦ୍ଧୃତି ସଂଗ୍ରହ କରିବାରେ ୨୦ ଦିନ ଖଟିଛି । ତା'ପରେ ମିଟିଂ ହେଲା । ଶରତଚନ୍ଦ୍ରଙ୍କ ସମ୍ପର୍କରେ କମ୍ରେଡ୍ ଶିବଦାସ ଘୋଷଙ୍କ ବିଚାରଧାରାର ଭିତ୍ତିରେ କିଛି କହିବା ପାଇଁ ଚେଷ୍ଟା କରିଥିଲି । କଣ ପାଇଁ କରିଥିଲି ? କମ୍ରେଡ୍‌ମାନେ ଯେମିତି ପଢନ୍ତି । ମାତ୍ର କେତେ ଜଣ ପଢୁଛନ୍ତି ? ମୁଁ ଏକଥା ଜାଣେ ଯେ, ପରିବେଶ ମଧ୍ୟରେ ହିଁ ବର୍ତ୍ତମାନ ପଢାପଢିର ଚର୍ଚ୍ଚା ନାହିଁ । ଆମ୍ଭମାନଙ୍କ ସମୟରେ ଯେଉଁ ସୁଯୋଗ ଆମେ ପାଇଥିଲୁ, ଗାଁରେ ବି ଲାଇବ୍ରେରୀ ପାଉଥିଲୁ, ବହୁ ବହିପତ୍ର ପାଉଥିଲୁ, ସେତେବେଳେ ପଢିବାର ଏକ ପରିବେଶ ଥିଲା । ବର୍ତ୍ତମାନ ଆଉ ଏସବୁ ନାହିଁ । ସ୍କୁଲ କଲେଜରେ ମଧ୍ୟ ପଢାପଢିର ଚର୍ଚ୍ଚା ବିଶେଷ ନାହିଁ । ଫଳରେ ନପଢିବାର ପରିବେଶ ମଧ୍ୟରେ ହିଁ ଆପଣମାନେ ଗଢି ଉଠିଛନ୍ତି । କିନ୍ତୁ ମୁର୍ଖ ଅବସ୍ଥାରେ ରହି କଣ ବିପ୍ଳବ କରାଯାଇ ପାରିବ ? ମୁର୍ଖମାନେ କଣ କୌଣସି ଦିନ ବିପ୍ଳବ କରିପାରନ୍ତି ? ବିପ୍ଳବୀମାନଙ୍କୁ ହିଁ ତ ଜୀବନରେ ଜ୍ଞାନ ବିଜ୍ଞାନର ସାଧନା କରିବାକୁ ହୁଏ । ଜୀବନର ସୂଚନା ପର୍ବରେ କମ୍ରେଡ୍ ଶିବଦାସ ଘୋଷଙ୍କୁ ନବଜାଗରଣର ମନୀଷୀ, ବିଭିନ୍ନ ବିପ୍ଳବୀ ଯୋଦ୍ଧାଙ୍କ ବ୍ୟତୀତ ଶରତଚନ୍ଦ୍ର ଅନୁପ୍ରାଣିତ କରିଥିଲେ । କି ଗଭୀର ଆବେଗରେ ଶରତଚନ୍ଦ୍ରଙ୍କ ସମ୍ପର୍କରେ ସେ ଆଲୋଚନା କରିଛନ୍ତି ! ଏମିତି ବି ହୋଇଛି, 'ବୈକୁଣ୍ଠର ଉଇଲ୍' ଗଳ୍ପର ଗୋକୁଳ ଚରିତ୍ର ସମ୍ପର୍କରେ ଆଲୋଚନା କରିବାକୁ ଯାଇ ବୁକୁଫଟା କ୍ରନ୍ଦନରେ ତାଙ୍କ କଣ୍ଠ ରୁଦ୍ଧ ହୋଇଯାଇଛି । ତଥାକଥିତ ଦଳେ ବୁଦ୍ଧିଜୀବୀ, ସି.ପି.ଆଇ(ଏମ୍)-ସି.ପି.ଆଇର ଇଣ୍ଟେଲେକ୍‌ଚୁଆଲ୍‌ମାନେ ଶରତଚନ୍ଦ୍ରଙ୍କୁ କଥା ସାହିତ୍ୟିକ, ଅପରାଜେୟ କଥାଶିଳ୍ପୀ, ତାଙ୍କ ମଧ୍ୟରେ ଆବେଗ ଅଛି, ଯୁକ୍ତି ନାହିଁ- ଏହିସବୁ କଥା କହି ଅଣ୍ଡରମାଇନ୍ (ହେୟ) କରିଥିଲେ । ରବୀନ୍ଦ୍ରନାଥ ଶରତଚନ୍ଦ୍ରଙ୍କୁ ଶ୍ରଦ୍ଧା କରୁଥିଲେ । ରବୀନ୍ଦ୍ରନାଥ କହିଛନ୍ତି, ତାଙ୍କ ସମେତ ଅନ୍ୟାନ୍ୟ ସାହିତ୍ୟିକମାନେ ଯେଉଁଠି ବ୍ୟର୍ଥ, ଶରତଚନ୍ଦ୍ର ସେଠି ସାର୍ଥକ, ମଣିଷର ଅନ୍ତରରେ ପ୍ରବେଶ କରି ପାରିଛନ୍ତି । ରବୀନ୍ଦ୍ରନାଥ କହିଛନ୍ତି, ବଙ୍କିମଚନ୍ଦ୍ର ଯେତେବେଳେ ପ୍ରତିଷ୍ଠିତ, ସେତେବେଳେ ତାଙ୍କର ସୂଚନା, ଆଉ ରବୀନ୍ଦ୍ରନାଥ ଥିବା ସମୟରେ ଶରତଚନ୍ଦ୍ରଙ୍କର

ହଠାତ୍ ଅଭ୍ୟୁତ୍‌ଥାନ ଘଟିଲା। ରବୀନ୍ଦ୍ରନାଥଙ୍କୁ ପରିଚୟ କରାଇ ଦେବାକୁ ହୋଇ ନାହିଁ, ସେ ନିଜେ ହିଁ ନିଜର ସ୍ଥାନ କରିନେଇଛନ୍ତି। ରବୀନ୍ଦ୍ରନାଥ ରମାଁ ରଲାଙ୍କୁ କହିଥିଲେ, ଶରତଚନ୍ଦ୍ର ହେଉଛନ୍ତି ବଙ୍ଗଳା ସାହିତ୍ୟର ଶ୍ରେଷ୍ଠ ଶିଳ୍ପୀ। ମାତ୍ର ତଥାକଥିତ ରବୀନ୍ଦ୍ରପ୍ରେମୀମାନେ ଶରତଚନ୍ଦ୍ରଙ୍କୁ ଅଣ୍ଡରମାଇନ୍ (ହେୟ ପତିପନ୍ନ) କରିଛନ୍ତି। କମ୍ରେଡ୍ ଶିବଦାସ ଘୋଷ ସେମାନଙ୍କ ବିରୁଦ୍ଧରେ ଫାଇଟ୍ କରିଛନ୍ତି। କେଉଁ ପ୍ରୟୋଜନରେ? ବିପ୍ଳବୀ ଆନ୍ଦୋଳନର ପ୍ରୟୋଜନରେ। ସେ ଦର୍ଶାଇଛନ୍ତି, ଶରତଚନ୍ଦ୍ର ବିଶ୍ୱର ଶ୍ରେଷ୍ଠ ଔପନ୍ୟାସିକ। ଶରତ ସାହିତ୍ୟ ମୂଲ୍ୟବୋଧ, ରୁଚିବୋଧ ଦେବ। କମ୍ରେଡ୍ ଶିବଦାସ ଘୋଷଙ୍କ ଆଲୋଚନାରେ ଆହୁରି ମଧ୍ୟ ପାଇବେ ଯେ, ଦାର୍ଶନିକମାନେ, ରାଜନୀତିବିଦମାନେ ମଧ୍ୟ ସାହିତ୍ୟିକଙ୍କ ଦୁଆରକୁ ଯାଆନ୍ତି। କାରଣ, ସାହିତ୍ୟିକ ଜ୍ଞାନବିଜ୍ଞାନର ଜଟିଳ ତତ୍ତ୍ୱକୁ ସାହିତ୍ୟର ଶିଳ୍ପ ଶୈଳୀ ମାଧ୍ୟମରେ, ରସ ମାଧ୍ୟମରେ ମଣିଷର ଅନ୍ତପୁରରେ ପହଞ୍ଚାଇ ଦିଏ, ବିବେକକୁ ଜାଗ୍ରତ କରାଏ, ବ୍ୟଥା ବେଦନା ସୃଷ୍ଟି କରାଏ, ସଂବେଦନଶୀଳତାକୁ ଜାଗ୍ରତ କରାଏ। ଏଥିପାଇଁ ସାହିତ୍ୟର ପ୍ରୟୋଜନ। ଆଉ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ତ ଆମର ପାଥେୟ। ତେଣୁ ଶରତ ସାହିତ୍ୟ ଚର୍ଚ୍ଚାର ଅଭ୍ୟାସ କରିବାକୁ ହେବ। ଏହା ସହିତ ଦେଶ ବିଦେଶର ଅନ୍ୟାନ୍ୟ ସାହିତ୍ୟ ମଧ୍ୟ ପଢିବାକୁ ହେବ। ବିପ୍ଳବୀ ହୋଇ କଣ ଆମେ ବଦଭ୍ୟାସ, କୁଅଭ୍ୟାସର ଦାସ ହୋଇ ରହିବୁ? ଜ୍ଞାନ ଚର୍ଚ୍ଚା ବ୍ୟତୀତ, ବୁଦ୍ଧିର ବିକାଶ ବ୍ୟତୀତ, ସତ୍ୟାନୁସନ୍ଧାନ ବ୍ୟତୀତ କେବେ କଣ ବିପ୍ଳବ ସମ୍ଭବ? କୌଣସି ଦେଶରେ କଣ ସମ୍ଭବ? ମାର୍କ୍ସବାଦୀମାନେ ହିଁ ପ୍ରଥମ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି।

ମନେରଖିବେ, ଆମମାନଙ୍କୁ ମାର୍କ୍ସବାଦୀ ବିଚାର ପଦ୍ଧତି ଆୟତ୍ତ କରିବାକୁ ହେବ, ସର୍ବହରା ସଂସ୍କୃତି ଅର୍ଜନ କରିବାକୁ ହେବ। ଶ୍ରେଣୀ ବିଭକ୍ତ ସମାଜରେ ଆମେ ପ୍ରତିଦିନ ଯାହା ଚିନ୍ତା କରୁଛୁ, ସେହି ଚିନ୍ତା ହୁଏତ ଅବକ୍ଷୟୀ ବୁର୍ଜୁଆ ଚିନ୍ତା, ନହେଲେ ସର୍ବହରା ଚିନ୍ତା। କମ୍ରେଡ୍ ଶିବଦାସ ଘୋଷଙ୍କ କଥା ହିଁ ମୁଁ ଏଠାରେ କହୁଛି, ଆମର ଯେକୌଣସି ଚିନ୍ତା ଭାବନା, ଭଲମନ୍ଦବୋଧ, ନ୍ୟାୟ-ଅନ୍ୟାୟବୋଧ, ଆମର ଆନନ୍ଦ, ଦୁଃଖ, ଆଚାର ଆଚରଣ, ସ୍ନେହ, ପ୍ରେମ, ପ୍ରୀତି, ଭଲପାଇବାର ମଧ୍ୟ ଶ୍ରେଣୀ ଚରିତ୍ର ଅଛି। ଆମେ ପୁଞ୍ଜିବାଦୀ ସମାଜରୁ ଆସିଛୁ। ମୋ ସହିତ ଆପଣମାନେ ସମସ୍ତେ ହିଁ ମଧ୍ୟବିତ୍ତ ପରିବାରରୁ ଆସିଛନ୍ତି। ମଧ୍ୟବିତ୍ତ ଅର୍ଥ ହେଉଛି ପେଟିବୁର୍ଜୁଆ, ପେଟିବୁର୍ଜୁଆ ଅର୍ଥ ହେଉଛି କ୍ଷୁଦ୍ର ବୁର୍ଜୁଆ। ଅଶିକ୍ଷିତ, ଅଜ୍ଞ, ଶ୍ରମିକଶ୍ରେଣୀ, ସର୍ବହରା ଶ୍ରେଣୀର ନିଦ୍ରା ଭାଙ୍ଗିବା ପାଇଁ, ସେମାନଙ୍କ

ନିକଟରେ ବିପ୍ଳବୀ ତତ୍ତ୍ୱ ପହଞ୍ଚାଇବା ପାଇଁ ଆମ୍ଭମାନଙ୍କୁ ବୁର୍ଜୁଆ ଚରିତ୍ରରୁ ମୁକ୍ତ ହୋଇ ଅର୍ଥାତ୍ ଯାହାକୁ ଡିକ୍ଲାସଡ୍ (ଶ୍ରେଣୀଚ୍ୟୁତ) କୁହାଯାଏ, ସେହି ଡିକ୍ଲାସ୍ଡ ହୋଇ ସର୍ବହରା ବିପ୍ଳବୀ ହେବାକୁ ପଡିବ । ତାହେଲେ କମ୍ରେଡ୍‌ମାନେ ପାର୍ଟିର ଏହି ଶିକ୍ଷା, ଚିନ୍ତାଭାବନା, ଆଚାର ଆଚରଣ, କ୍ରିୟାଗୁଡ଼ିକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିପାରୁଛନ୍ତି କି ନାହିଁ ତାହା କାହା ଭିତ୍ତିରେ ବିଚାର କରିବେ ? ମେମ୍ବରସିପ କାର୍ଡ ଅଛି ବୋଲି, ସଭା ଶୋଭାଯାତ୍ରାରେ ଆସୁଛନ୍ତି ବୋଲି, ଗଣଦାବୀ ବିକ୍ରି କରୁଛନ୍ତି ବୋଲି, କଲେକ୍‌ସନ୍ କରୁଛନ୍ତି ବୋଲି ? ଏହରି ଭିତ୍ତିରେ ବିଚାର ହେବ, ନା କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାର ମାନଦଣ୍ଡରେ ଆପଣମାନଙ୍କର ଜୀବନର ପ୍ରତିଟି କ୍ରିୟା-ପ୍ରତିକ୍ରିୟାକୁ ବିଚାର କରିବାକୁ ହେବ ? ଜନସାଧାରଣଙ୍କର ବିଭିନ୍ନ ପ୍ରଶ୍ନ, ବିଭ୍ରାନ୍ତିର ଉତ୍ତର ଦେବେ କିପରି ? ବୁର୍ଜୁଆ ଓ ସୋସାଲ ଡେମୋକ୍ରାଟମାନଙ୍କ ବିରୁଦ୍ଧରେ କିଭଳି ତତ୍ତ୍ୱଗତ ଲଢେଇ କରିବେ ? ଦଳ ଅଭ୍ୟନ୍ତରରେ ଦ୍ୱାନ୍ଦ୍ୱିକ ସମ୍ପର୍କ ସ୍ଥାପନ କରିବା, ଅନ୍ଧତାମୁକ୍ତ ହୋଇ ନେତୃତ୍ୱକୁ ବିଚାର କରିବା- ଏଥିପାଇଁ ବି ତ ଜ୍ଞାନଚର୍ଚ୍ଚାର ପ୍ରୟୋଜନ ।

କମ୍ରେଡ୍ ଶିବଦାସ ଘୋଷ ଏହା ମଧ୍ୟ କହିଯାଇଛନ୍ତି, ଜଣେ ବିପ୍ଳବୀ ଶୋଷିତ ଜନଗଣଙ୍କ ପ୍ରତି ଥିବା ଦରଦବୋଧରୁ ୨୪ ଘଣ୍ଟା ହିଁ ସେମାନଙ୍କ ଜୀବନର ସମସ୍ୟା ନେଇ ଚିନ୍ତା କରିବ । ଏଥିପାଇଁ ଦରକାର ହୃଦୟବୃତ୍ତି । ପ୍ରତିଦିନ ଶତ ଶତ ମଣିଷର ଅନାହାର ମୃତ୍ୟୁ, ଫୁଟପାତରେ ଦିନ କାଟୁଥିବା ଲୋକଙ୍କର ଦୁର୍ବିସହ ଜୀବନଯାତ୍ରା, ଧର୍ଷିତା ନାରୀର ଆର୍ତ୍ତନାଦ, ବେକାରୀର ଜ୍ୱାଳାରେ କେତେ ଯୁବକଙ୍କ ଆତ୍ମହତ୍ୟା, ସମଗ୍ର ସମାଜର ସୀମାହୀନ ସଂକଟ ତ ଆମର ବିବେକକୁ ଧକ୍କା ଦେବ । ପ୍ରତିଦିନ ତ ଭାବିବି, ମୁଁ ଏମାନଙ୍କ ପାଇଁ କଣ କରୁଛି ? ଏହା ହେଉଛି ହୃଦୟବୃତ୍ତି । ତାପରେ ଆସିବ ଆମର ଦାୟିତ୍ୱବୋଧ, କର୍ତ୍ତବ୍ୟବୋଧ । ସେ କହିଛନ୍ତି, ଖାଇବା-ଶୋଇବାର ସମୟକୁ ବାଦ ଦେଲେ ୨୪ ଘଣ୍ଟା, ଏହା ହିଁ ହେବ ଜଣେ ବିପ୍ଳବୀର ଚିନ୍ତା ଭାବନା । ପୁଣି କହିଛନ୍ତି, ସ୍ନେହ-ମାୟା-ମମତା ଥିଲେ କେହି କାହାରିକୁ ଆଦର କରିବ ନାହିଁ- ବିଷୟଟି ଏଭଳି ନୁହେଁ । କିନ୍ତୁ ଏହି ଦଳର ବିପ୍ଳବର ସାଧନାରେ ମନ ସର୍ବଦା ମଗ୍ନ ରହିବ । ଏହି ଜାଗାରେ ଆମର ବହୁ ନେତା-କର୍ମୀଙ୍କର ବ୍ୟର୍ଥତା ଅଛି । ଦେଶର ସଂକଟ କେଉଁ ଦିଗରେ ଯାଉଛି, ବୁର୍ଜୁଆଶ୍ରେଣୀ କିଭଳି ଆକ୍ରମଣ କରୁଛି, ବୁର୍ଜୁଆ ଶ୍ରେଣୀର କେଉଁ ଦଳ କି ଭୂମିକା ପାଳନ କରୁଛି, ସେମାନେ କିଭଳି ଜନଗଣଙ୍କୁ ବିଭ୍ରାନ୍ତ କରୁଛନ୍ତି, ସୋସାଲ ଡେମୋକ୍ରାଟିକ ସି.ପି.ଆଇ(ଏମ୍)-ସି.ପି.ଆଇ କିଭଳି ଲୋକଙ୍କୁ ବିଭ୍ରାନ୍ତ କରୁଛି,

ସେମାନଙ୍କର ପାଲଟା ଯୁକ୍ତି ଆମର କଣ ହେବ, କି ଧରଣର କର୍ମସୂଚୀ ନେବା ଦରକାର, ନେତାମାନେ ଯଦି ନ ନିଅନ୍ତି, ସାଧାରଣ କର୍ମୀଭାବେ ମୁଁ ନେତାମାନଙ୍କୁ କି ଧରଣର କର୍ମସୂଚୀ ନେବା ଉଚିତ୍ ବୋଲି କହିବି- ଏହିଭଳି ଚିନ୍ତା ମଧ୍ୟରେ ମଗ୍ନ ରହିବା, ପୁଣି ସନ୍ତାନଙ୍କୁ ଆଦର କରୁଛି, ସେତେବେଳେ ମଧ୍ୟ ଏହି ଚିନ୍ତା ମୁଣ୍ଡ ଭିତରେ ଖେଳୁଛି, ସ୍ୱାମୀ-ସ୍ତ୍ରୀ ପରସ୍ପର ମଧ୍ୟରେ ଗଳ୍ପ କରୁଛନ୍ତି, ପରସ୍ପରକୁ ଆଦର କରୁଛନ୍ତି, ସେତେବେଳେ ମଧ୍ୟ ଏହି ଚିନ୍ତା ମୁଣ୍ଡ ଭିତରେ ଖେଳୁଛି- ଏହା ହେଉଛି ବିପ୍ଳବୀର ସାଧନା। ଏହାକୁ ବାଦ ଦେଲେ, ପାର୍ଟିର ଯେତେ କାମ କରେ ନା କାହିଁକି, ଆମର ଚିନ୍ତା ଭାବନା, ଜୀବନଯାତ୍ରା ପେଟିବୁର୍ଜୁଆ ଲାଇଫ୍ ହୋଇ ରହିଯିବ। ଏହା ପୁଣି ଏହି ଜାଗାରେ ଅଟକି ରହିବ ନାହିଁ। ମୋ ମଧ୍ୟରେ ଯେତିକି ବି ବିପ୍ଳବୀ ସତ୍ତା ଗଢି ଉଠିଥିଲା, ସେହି ବିପ୍ଳବୀ ସତ୍ତାକୁ ମଧ୍ୟ ଆସ୍ତେ ଆସ୍ତେ ଗ୍ରାସ କରିବ। ଗୋଟିଏ ସମୟର ସର୍ବକ୍ଷଣ କର୍ମୀ ପରବର୍ତ୍ତୀ ସମୟରେ ଦେଖାଯିବ, ବିବାହ ପରେ ସେ ସଂସାର ଜୀବନରେ ଛନ୍ଦି ହୋଇ ପଡିଛି। ଦିନ ରାତି କାମ କଲେ ମଧ୍ୟ ପ୍ରତିନିୟତ ନିଜର କ୍ୟାରେକ୍ଟର(ଚରିତ୍ର)କୁ ଭାଙ୍ଗି ଗଢି ତୋଳିବାକୁ ହୁଏ। ପୁରୁଣା ଦିନର ଅଭ୍ୟାସକୁ ଭାଙ୍ଗିବାକୁ ହୁଏ। ଅଭ୍ୟାସର ଶକ୍ତି ଭୟଙ୍କର ଶକ୍ତି। ଲେନିନ୍ କହିଛନ୍ତି, Forces of habit is a dangerous force. ଏହା ମଧ୍ୟରେ ହିଁ ପୁଞ୍ଜିବାଦ ଥାଏ। ତେଣୁ ମୁଁ କମ୍ରେଡ୍‌ମାନଙ୍କୁ କହିବି, ଆପଣମାନେ ପ୍ରତିଦିନ କମ୍ରେଡ୍ ଶିବଦାସ ଘୋଷଙ୍କ ପୁସ୍ତିକା, ପାର୍ଟି ପୁସ୍ତିକା, ପାର୍ଟି ମୁଖପତ୍ର ପଢନ୍ତୁ। ପ୍ରତିଦିନ ପଢୁଛନ୍ତି କି ନାହିଁ, ତାହା ପ୍ରତ୍ୟେକଙ୍କୁ ପଚାରିବାର ମୋର ଇଚ୍ଛା ଥିଲା, ରାଜ୍ୟ ନେତା, ଜିଲ୍ଲା ନେତା, ବିଭିନ୍ନ କମିଟିରେ ଯେଉଁମାନେ ଅଛନ୍ତି, ଆଞ୍ଚଳିକ ନେତୃତ୍ୱ, ସେମାନେ ନିଜେ ପ୍ରଥମେ ଦୃଷ୍ଟାନ୍ତ ସ୍ଥାପନ କରନ୍ତୁ ଏବଂ କର୍ମୀମାନଙ୍କୁ କରାନ୍ତୁ। କେବଳ କଲେକ୍ସନ୍ କରିବା, ସଭା ଶୋଭାଯାତ୍ରା କରିବା ଆମ ପାର୍ଟିର କାମ ନୁହେଁ। ଆମେ ବିପ୍ଳବୀ ତିଆରି କରିବାକୁ ଚାହୁଁଛୁ, କିଛି ଖାଣ୍ଟି ମଣିଷ ତିଆରି କରିବାକୁ ଚାହୁଁଛୁ, ଯେଉଁମାନେ ସେମାନଙ୍କର ଜୀବନ ଦ୍ୱାରା, ସଂଗ୍ରାମ ଓ ଚରିତ୍ର ଦ୍ୱାରା ଜନଗଣଙ୍କୁ ଉଦ୍‌ବୁଦ୍ଧ କରିବେ, ସମାଜରେ ଦୃଷ୍ଟାନ୍ତ ସ୍ଥାପନ କରିବେ। ମନ ମଧ୍ୟରେ କିଛି ପ୍ରଶ୍ନ ଆସୁଛି, ତାହା ବିପ୍ଳବ ପକ୍ଷରେ ଅନୁକୂଳ ନା ପ୍ରତିକୂଳ, ତାହା କିଭଳି ବୁଝିବେ? ଆପଣମାନଙ୍କ ମଧ୍ୟରେ ଯେଉଁ ଇଚ୍ଛା ଜାଗ୍ରତ ହେଉଛି, ସେହି ଇଚ୍ଛା ବିପ୍ଳବୀସଙ୍ଗତ କି ନୁହେଁ, ତାହା କିପରି ବୁଝିବେ? ତା'ପରେ ଜନଗଣଙ୍କ ମଧ୍ୟରେ ନାନା ପ୍ରଶ୍ନ ଅଛି, ବିଭ୍ରାନ୍ତି ଅଛି, ତା'ର ମଧ୍ୟ ଉତ୍ତର ଆପଣମାନଙ୍କୁ ଦେବାକୁ ହେବ। ଏଥିପାଇଁ କେନ୍ଦ୍ରୀୟ କମିଟିର ଗତ ସଭାରେ ମୁଁ

କହିଥିଲି, ଆମର କେତେ ଜଣ କର୍ମୀ ଅଛନ୍ତି, ଯେଉଁମାନଙ୍କୁ ଯଦି ପ୍ରଶ୍ନ କରାଯାଏ, ଭାରତବର୍ଷରେ ବେଦ ବେଦାନ୍ତ ଥାଉ ଥାଉ, ବିବେକାନନ୍ଦ, ଗାନ୍ଧିଜୀଙ୍କ ଭଳି ବ୍ୟକ୍ତି ଥାଉ ଥାଉ ଆମେ କାହିଁକି ମାର୍କ୍ସବାଦର କଥା କହୁଛୁ, ତାର ସଠିକ୍ ଉତ୍ତର ଦେବେ। ଏହି ପ୍ରଶ୍ନରେ କଲିକତା ଜିଲ୍ଲା କିଛି ଦିନ ପୂର୍ବରୁ କମ୍ରେଡ୍ ଶିବଦାସ ଘୋଷଙ୍କର ଏକ ଅତ୍ୟନ୍ତ ମୂଲ୍ୟବାନ ଆଲୋଚନା ଶୁଣାଇଛି। ଆମର କେତେ ଜଣ କର୍ମୀ ଏହାର ଉତ୍ତର ଦେଇ ପାରିବେ? ମାର୍କ୍ସବାଦ ତ ବ୍ୟର୍ଥ, ସୋଭିଏତ୍ ଋଷ ଭାଙ୍ଗି ଚୁର୍‌ମାର୍ ହୋଇ ଯାଇଛି, ତୁମେମାନେ ଏବେ ମଧ୍ୟ ମାର୍କ୍ସବାଦର କଥା କାହିଁକି କହୁଛ? କେତେ ଜଣ କର୍ମୀ ଏହାର ଉତ୍ତର ଦେଇ ପାରିବେ? ଯେଉଁ ପ୍ରଚାର ବ୍ୟାପକଭାବେ ଚାଲିଛି, ଷ୍ଟାଲିନ୍ ତ ଡିକ୍ଟେଟର, ସ୍ୱେରାଚାରୀ, ବହୁ ଲୋକଙ୍କୁ ହତ୍ୟା କରିଛନ୍ତି, କେତେ ଜଣ କମ୍ରେଡ୍ ଏହାର ଜବାବ ଦେଇ ପାରିବେ? କମ୍ରେଡ୍‌ମାନେ ସେହିଭଳିଭାବେ ପ୍ରସ୍ତୁତ ହେଉଛନ୍ତି କି? ଏଗୁଡ଼ିକ ତ ତତ୍ତ୍ୱଗତ ପ୍ରଶ୍ନ। କମ୍ରେଡ୍ ଶିବଦାସ ଘୋଷ ବହୁ ଦିନ ପୂର୍ବରୁ ହିଁ ଚେତାବନୀ ଦେଇ ଯାଇଛନ୍ତି ଯେ, ଯେତେବେଳେ ବିଶ୍ୱାସଘାତକ କୃଶ୍ଚେଭ ପୁଞ୍ଜିବାଦ ପ୍ରତିଷ୍ଠା କରିବା ସକାଶେ ମହାନ ଷ୍ଟାଲିନ୍‌ଙ୍କୁ ଅଣ୍ଡରମାଇନ୍ (ହେୟ ପ୍ରତିପନ୍ନ) କରୁଥିଲେ, ଷ୍ଟାଲିନ୍‌ଙ୍କ ସମ୍ପର୍କରେ କୁତ୍ସା ରଚନା କରୁଥିଲେ, ସେତେବେଳେ ହିଁ ସେ କହିଥିଲେ ଯେ ଷ୍ଟାଲିନ୍‌ଙ୍କୁ ଅଣ୍ଡରମାଇନ୍ କରିବା ଅର୍ଥ ହେଉଛି ମହାନ୍ ଲେନିନ୍‌ଙ୍କୁ ଅଣ୍ଡରମାଇନ୍ କରିବା, ଏହାର ଅର୍ଥ ହେଲା କମ୍ୟୁନିଷ୍ଟ ଆନ୍ଦୋଳନକୁ ଧ୍ୱଂସ କରିବା। ଫଳରେ ଷ୍ଟାଲିନ୍‌ଙ୍କ ନେତୃତ୍ୱକୁ ଯୁକ୍ତି ସହକାରେ ପ୍ରତିଷ୍ଠା କରି ନପାରିଲେ କମ୍ରେଡ୍ ଶିବଦାସ ଘୋଷଙ୍କ ନେତୃତ୍ୱ ମଧ୍ୟ ମାର୍କ୍ସବାଦୀ ହିସାବରେ ପ୍ରତିଷ୍ଠିତ ହେବ ନାହିଁ। ଏହି ସମସ୍ତ ପ୍ରଶ୍ନରେ ମଧ୍ୟ କମ୍ରେଡ୍‌ମାନଙ୍କୁ theoritically equipped (ତତ୍ତ୍ୱଗତ ଦିଗରୁ ସମୃଦ୍ଧ) ହେବାକୁ ପଡିବ।

ଆଉ ଏକ ବିଷୟ ଦଳକୁ ବ୍ୟାପକଭାବେ ଆକ୍ରମଣ କରୁଛି। Consumerism (ଭୋଗବାଦ)ର ପ୍ରଭାବ କମ୍ରେଡ୍‌ମାନଙ୍କ ମଧ୍ୟରେ ବୃଦ୍ଧି ପାଉଛି। ଚକ୍‌ଚକିଆ ପୋଷାକ, ଦାମୀ ପ୍ୟାଣ୍ଟ ସାର୍ଟ ପିନ୍ଧିବା, ଏକାଧିକ ଜାମା ପ୍ୟାଣ୍ଟ ପିନ୍ଧିବା, ଏଗୁଡ଼ିକୁ ସଂଗ୍ରହ କରିବା, ଆରାମ ଅୟସରେ ରହିବାର ଝୁଙ୍କ୍, ସାମାନ୍ୟ କିଛି ରୋଜଗାର କରି ପାରିଲେ ହିଁ ଗୋଟେ ଘର, ଗାଡି କରିବାର ମାନସିକତା ବଢୁଛି। ଚାକିରୀ କରୁଥିବା କମ୍ରେଡ୍ ବା ଅନ୍ୟଭାବେ ଯେଉଁମାନେ କିଛି ରୋଜଗାର କରୁଛନ୍ତି ସେମାନଙ୍କ ମଧ୍ୟରେ ଏହିଭଳି ଝୁଙ୍କ୍ ସବୁ ଆସୁଛି। ଯେଉଁମାନଙ୍କର ଆର୍ଥିକ ସାମର୍ଥ୍ୟ ନାହିଁ, ସେମାନଙ୍କ ମଧ୍ୟରେ ବି ଏଗୁଡ଼ିକୁ ନପାଇବାର ଅବଶୋଷ

ଆସୁଛି । ଏହା ମଧ୍ୟ ଅତ୍ୟନ୍ତ ବିପଦ୍‌ଜନକ । କମ୍ରେଡ୍ ଶିବଦାସ ଘୋଷଙ୍କର ଐତିହାସିକ ବକ୍ତବ୍ୟ ହେଉଛି, ବିପ୍ଳବୀମାନଙ୍କର ଅଭାବ, ଦୁଃଖ-କଷ୍ଟ ଦେଖି ସାଧାରଣ ମଣିଷ ଦୁଃଖବୋଧ କରନ୍ତି । ମାତ୍ର ବିପ୍ଳବୀ ଆନ୍ଦୋଳନ ମଧ୍ୟରେ ରହି ଜଣେ ପ୍ରକୃତ ବିପ୍ଳବୀ ଯେଉଁ ଆନନ୍ଦ ଓ ଶାନ୍ତି ପାଏ, ସାଧାରଣ ମଣିଷ ଘର, ଗାଡି, ଆରାମ ଅୟସ ମଧ୍ୟରେ ତାର ସନ୍ଧାନ ପାଏନା । ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ, ଏହାଠାରୁ ବଡ ସମ୍ପଦ ଆଉ କିଛି ନାହିଁ । କେତେ ଜଣ କମ୍ରେଡ୍ ଏହି ମହାନ ଶିକ୍ଷାର ତାତ୍ପର୍ଯ୍ୟକୁ ଉପଲବ୍ଧି କରିଛନ୍ତି ? କମ୍ରେଡ୍ ଶିବଦାସ ଘୋଷ ଆହୁରି ମଧ୍ୟ କହି ଯାଇଛନ୍ତି, ଆମେ ଯେମିତି କୃଚ୍ଛସାଧନା କରିବୁ ନାହିଁ, ସେମିତି ଭଲ କିଛି ପାଇଲେ ବି ସେଥିପ୍ରତି ଆମର ଆସକ୍ତି ଜନ୍ମିବ ନାହିଁ । ଆସକ୍ତି ଜନ୍ମୁଛି କି ନାହିଁ, ପ୍ରତିଦିନ ସତର୍କ ରହିବାକୁ ହୁଏ, ନହେଲେ ଅଜାଣତରେ ହିଁ ଏଗୁଡ଼ିକର ଶୀକାର ହୋଇ ଯିବାର ବିପଦ ଆସେ । ଦଳଟା ତ ବିପ୍ଳବୀ ଦଳ । ଚିରଦିନ ଏହିଭଳିଭାବେ ତ ରାଜନୀତି ଚାଲିବ ନାହିଁ । ଏହି ଦଳର ନେତା କର୍ମୀମାନଙ୍କର ଏମିତି ସମୟ ଆସିବ ଯେତେବେଳେ ଦିନ ପରେ ଦିନ ଖାଇବାକୁ ମିଳିବ ନାହିଁ, ରହିବାକୁ ଜାଗା ମିଳିବ ନାହିଁ । ସେତେବେଳେ ଏହି ନେତା କର୍ମୀମାନେ କଣ କରିବେ ? ଅଧିକାଂଶ ହିଁ ନିଷ୍କ୍ରିୟ ହୋଇଯିବେ । ପ୍ଲେଖାନଭଙ୍କ ସମ୍ପର୍କରେ ଲେନିନ୍ କହିଥିଲେ, ଯେଉଁ ମୁହୂର୍ତ୍ତ ଯାଏ ବିପ୍ଳବର ସମୟ ଆସି ନାହିଁ, ସେହି ସମୟ ଯାଏ ସେ ବିପ୍ଳବୀ ଥିଲେ । ଯେତେବେଳେ ବିପ୍ଳବର ସମୟ ଆସି ଯାଇଛି, ସେତେବେଳେ ସେ ଆଉ ବିପ୍ଳବୀ ରହିପାରିଲେ ନାହିଁ । ଜୀବନଯାତ୍ରା ମଧ୍ୟରେ ଏହି ଯେଉଁ ଝୁଙ୍କ୍, ତାହା ଖୁବ କ୍ଷତିକାରକ । ପୂର୍ବରୁ ଥିଲା, ଯେଉଁମାନେ ରୋଜଗାର କରୁଥିଲେ, ସେମାନେ ଯାହା ଦରମା ପାଉଥିଲେ, ପାର୍ଟିକୁ ଦେଇ ଦେଉଥିଲେ । ମୁଁ କମ୍ରେଡ୍ ସୁକୋମଳ ଦାଶଗୁପ୍ତଙ୍କୁ ଦେଖିଛି, ସେ ଶ୍ରୀରାମପୁର କଲେଜର ପ୍ରଫେସର ଥିଲେ । ଦରମା ପାଇଲେ ହିଁ ଯାତାୟାତ ଭଡା ବାଦ ଦେଇ ବାକି ଟଙ୍କା କମ୍ରେଡ୍ ଶିବଦାସ ଘୋଷ ଅଥବା କମ୍ରେଡ୍ ନୀହାର ମୁଖାର୍ଜୀଙ୍କ ହାତରେ ଟେକି ଦେଉଥିଲେ । କମ୍ରେଡ୍ ରବି ବସୁ କର୍ପୋରେସନ୍‌ରେ ଚାକିରୀ କରୁଥିଲେ, ସେ ମଧ୍ୟ ତାହା କରୁଥିଲେ । କମ୍ରେଡ୍ ଅନିଲ ସେନ୍ ତାଙ୍କ ମା'ଙ୍କ ପାଇଁ କିଛି ରଖି ବାକିଟା ଦେଇ ଦେଉଥିଲେ । ସେମାନେ ଏହା ସ୍ୱେଚ୍ଛାରେ କରୁଥିଲେ । ସେହି ସମୟରେ ପାର୍ଟି ମଧ୍ୟରେ ଏହି ଚର୍ଚ୍ଚା ଥିଲା । ଏହା ପରେ ମଧ୍ୟ କିଛି ଦିନ ଥିଲା । ବର୍ତ୍ତମାନ କିନ୍ତୁ ବହୁ କମ୍ରେଡ୍ ସେମାନଙ୍କର ଆୟ ସେହିଭଳି ଭାବେ ପାର୍ଟି ଫଣ୍ଡ ବା ଆନ୍ଦୋଳନ ଫଣ୍ଡରେ ଦିଅନ୍ତି ନାହିଁ । କିଛି ଛାତ୍ର ଛାତ୍ରୀ ଅଛନ୍ତି ଯେଉଁମାନେ ଖୁବ କାମ କରନ୍ତି, ପୁଣି ନିଜର ଦୈନିକ ଖର୍ଚ୍ଚ

ତୁଲାଇବା ପାଇଁ ଦୁଇ ତିନିଟା ଟିଉସନ୍ କରନ୍ତି । ସେମାନଙ୍କର ଦାୟିତ୍ୱ ଏହି କମ୍ରେଡ୍‌ମାନେ ନେବା ପାଇଁ ଥରେ ମୁଁ ଏ ସମ୍ପର୍କରେ ଏକ ମିଟିଂରେ ଆହ୍ୱାନ କରିଥିଲି । ପାର୍ଟି ହିଁ ଠିକ କରିଥାନ୍ତା କିଏ କାହାର ଦାୟିତ୍ୱ ନେବ । କୌଣସି ବ୍ୟକ୍ତି ବିଶେଷ ନୁହେଁ । ତାହେଲେ ସେମାନେ ତିନିଟା ଟିଉସନ୍ ବଦଳରେ ଗୋଟିଏ କରିଥାନ୍ତେ, ନହେଲେ ଗୋଟିଏ ମଧ୍ୟ କରି ନଥାନ୍ତେ, ପାର୍ଟି କାମ ହିଁ କରି ଥାନ୍ତେ । ମାତ୍ର ସେମାନେ ନିଜର ସନ୍ତାନମାନଙ୍କ ପଛରେ ଖର୍ଚ୍ଚ କରୁଛନ୍ତି, ସେମାନଙ୍କର ନାନା ଅଳି ଅଝଟ ବୁଝୁଛନ୍ତି । ସନ୍ତାନ ଡାକ୍ତର ହେବ, ଇଞ୍ଜିନିୟର ହେବ, ଏହି ସ୍ୱପ୍ନ ଦେଖୁଛନ୍ତି । ସେଥିନିମନ୍ତେ ଏହିଭଳି ପୋଷାକ ଦରକାର, ଏହି ଭଳି ଖାଦ୍ୟ ଦରକାର । ଏହି ଝୁଙ୍କ୍, ଏହି ବୁର୍ଜୁଆ-ପେଟିବୁର୍ଜୁଆ ଲାଇଫର ପ୍ରବଣତା, କନ୍‌ଜ୍ୟୁମରିଜମ୍ ଏହି କମ୍ରେଡ୍‌ମାନଙ୍କୁ ଗ୍ରାସ କରୁଛି । ଯେଉଁ ଏ.ଆଇ.ଡି.ଏସ୍.ଓ କର୍ମୀମାନେ ଦିନେ ଆର୍ଥିକ ସମସ୍ୟା ସତ୍ତ୍ୱେ ମଧ୍ୟ ହୋଲଟାଇମର ହେବାର ସ୍ୱପ୍ନ ଦେଖୁଥିଲେ, ସେମାନଙ୍କ ମଧ୍ୟରୁ ବି କିଛି ଚାକିରୀ ପାଇବା ପରେ, ବିବାହ କରିବା ପରେ, ସେମାନଙ୍କର ଜୀବନଯାତ୍ରା ବଦଳି ଯାଉଛି, ଯଦିଓ ସେମାନେ ମଧ୍ୟ ଦଳ ସହିତ ଅଛନ୍ତି । ସେମାନେ ମନେକରନ୍ତି, ସେମାନଙ୍କର ଆୟ-ବ୍ୟୟ, ଜୀବନଯାତ୍ରା ସେମାନଙ୍କର ବ୍ୟକ୍ତିଗତ ବିଷୟ । ଏଠି ବିପ୍ଳବୀ ଆଦର୍ଶ ଚର୍ଚ୍ଚାର ପ୍ରୟୋଜନ ନାହିଁ । ଯେତିକି ପାରିବି କିଛି କାମ କରିବି, ଆଉ ଦଳକୁ କିଛି ଚାନ୍ଦା ଦେବି । ମୁଁ ରାଜ୍ୟ ନେତୃତ୍ୱଙ୍କୁ ପ୍ରତିଟି ସଭ୍ୟଙ୍କର ଆୟ-ବ୍ୟୟ କଣ, ତାହା ଜାଣିବା ପାଇଁ କହିବି । ଜାଣିବା ଏଥିପାଇଁ ପ୍ରୟୋଜନ, ସେମାନଙ୍କ ଜୀବନଯାତ୍ରାକୁ ବୁଝିବା ଏବଂ ଜାଣିବା ପରେ ସେମାନଙ୍କୁ ଗାଇଡ କରିବା । ଯେଉଁମାନେ ରୋଜଗାର କରୁଛନ୍ତି, ସେମାନଙ୍କୁ ମୁଁ କହିବି, ଆପଣମାନେ ସ୍ୱେଚ୍ଛାକୃତଭାବେ ପାର୍ଟି ନିକଟରେ ଆପଣମାନଙ୍କର ଆୟ-ବ୍ୟୟର ହିସାବ ଦାଖଲ କରନ୍ତୁ । ପାର୍ଟି ଯେଉଁଭଳି କହିବ, ସେହିଭଳି ଭାବେ ଆପଣମାନେ ବ୍ୟୟ କରିବେ, ଜୀବନଯାତ୍ରା ନିର୍ବାହ କରିବେ । ପାର୍ଟିର ଟଙ୍କା ପ୍ରତି ଲୋଭ ନାହିଁ । ଆପଣମାନେ ଯେମିତି ବ୍ୟକ୍ତିଗତ ସମ୍ପତ୍ତିବୋଧରୁ ମୁକ୍ତ ହୋଇ ଉନ୍ନତ କମ୍ୟୁନିଷ୍ଟ ହୋଇ ପାରିବେ, ସେଥିପାଇଁ ଏହାର ପ୍ରୟୋଜନ । ମୁଁ ଦେଖିଛି, କମ୍ରେଡ୍ ଶିବଦାସ ଘୋଷ ଓ କମ୍ରେଡ୍ ନୀହାର ମୁଖାର୍ଜୀ ଖଣ୍ଡିଏ ସାର୍ଟକୁ ଅଦଳବଦଳ କରି ପିନ୍ଧିଛନ୍ତି । ପରବର୍ତ୍ତୀ ସମୟରେ ଯେତେବେଳେ ଆର୍ଥିକ ସ୍ୱଚ୍ଛଳତା ଆସିଛି, ସେତେବେଳେ କମ୍ରେଡ୍ ଶିବଦାସ ଘୋଷ ତିନୋଟି ପ୍ୟାଣ୍ଟ ଓ ତିନୋଟି ସାର୍ଟରୁ ବେଶୀ ବ୍ୟବହାର କରି ନାହାନ୍ତି । ଯେଉଁମାନଙ୍କର ପ୍ରୟୋଜନ ଥାଏ ସେମାନଙ୍କୁ ଦେଇ ଦିଅନ୍ତି । ତାହେଲେ ଏହି ଭୋଗବାଦର ପ୍ରଭାବ ଏବଂ ସନ୍ତାନ

ସମ୍ପର୍କରେ ଦୃଷ୍ଟିଭଙ୍ଗୀ, ସ୍ୱାମୀ-ସ୍ତ୍ରୀ ଜୀବନ କଣ ହେବ- ବିପ୍ଳବୀ ଜୀବନ ହେବ ନା ସାଧାରଣ ଜୀବନ ହେବ, ସ୍ୱାମୀ ସ୍ତ୍ରୀକୁ ଦେଖିବ, ନା ସ୍ତ୍ରୀ ସ୍ୱାମୀକୁ ଦେଖିବ, ଏଗୁଡ଼ିକ କଣ ସେମାନଙ୍କର ବ୍ୟକ୍ତିଗତ ବିଷୟ ? ଏହା କଣ ଚାଲିବ ? ନା, ଏଠି ମଧ୍ୟ ଶିବଦାସ ଘୋଷଙ୍କ ଶିକ୍ଷା ଅଛି। ଏକ୍ଷେତ୍ରରେ impersonal (ନୈର୍ବ୍ୟକ୍ତିକ) ଦୃଷ୍ଟିଭଙ୍ଗୀ ଦରକାର। ସ୍ତ୍ରୀ ଦେଖିବ ସ୍ୱାମୀ ପାର୍ଟି ଆଦର୍ଶ ଅନୁଯାୟୀ ଚାଲୁଛନ୍ତି କି ନାହିଁ, ନଚେତ୍ ସେ ପାର୍ଟି ନେତୃତ୍ୱ ପାଖରେ ସ୍ୱାମୀ ସମ୍ପର୍କରେ ବକ୍ତବ୍ୟ ରଖିବେ। ସ୍ୱାମୀ ମଧ୍ୟ ଦେଖିବେ, ସ୍ତ୍ରୀ ପାର୍ଟିର ଶିକ୍ଷା ଅନୁଯାୟୀ ଚାଲୁଛନ୍ତି କି ନାହିଁ, ନଚାଲିଲେ ସେ ପାର୍ଟି ନେତୃତ୍ୱକୁ ଜଣାଇବେ। ପାର୍ଟି ଦୁଇଜଣଙ୍କୁ ଦେଖିବ। ସେମାନଙ୍କର ଦାମ୍ପତ୍ୟ ଜୀବନର ନିବିଡ଼ ସମ୍ପର୍କ କ'ଣ ପ୍ରଚଳିତ ବୁର୍ଜୁଆ ଦୃଷ୍ଟିଭଙ୍ଗୀ ଅନୁଯାୟୀ ଚାଲିବ ନା କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ଅନୁଯାୟୀ ସର୍ବହରା ସଂସ୍କୃତିର ଭିତ୍ତିରେ ଚାଲିବ, ଏହା ମଧ୍ୟ ପାର୍ଟି ନେତୃତ୍ୱକୁ ଦେଖିବାକୁ ହେବ। ସ୍ତ୍ରୀ ଯଦି ସ୍ୱାମୀଙ୍କର ବିପ୍ଳବୀ ଜୀବନ ସହିତ ଚାଲି ନପାରନ୍ତି, ପ୍ରୟୋଜନରେ ସେହି ସ୍ତ୍ରୀ ସହିତ ବିଚ୍ଛେଦ ମଧ୍ୟ ଘଟାଇବାକୁ ହେବ। ସ୍ୱାମୀ ଯଦି ବିପ୍ଳବୀ ଜୀବନରେ ସ୍ତ୍ରୀ ସହିତ ଚାଲି ନପାରନ୍ତି, ପ୍ରୟୋଜନରେ ସେହି ସ୍ତ୍ରୀର ବଳିଷ୍ଠତା ଅନୁଯାୟୀ ସ୍ୱାମୀ ସହିତ ବିଚ୍ଛେଦ ଘଟାଇବାକୁ ହେବ। କମ୍ରେଡ୍ ଶିବଦାସ ଘୋଷଙ୍କର ଅତ୍ୟନ୍ତ ମୂଲ୍ୟବାନ ବକ୍ତବ୍ୟ ସମ୍ବଳିତ ଯେଉଁ ପୁସ୍ତିକା, 'ବିପ୍ଳବୀ ଜୀବନ ହିଁ ସର୍ବାପେକ୍ଷା ମର୍ଯ୍ୟାଦାମୟ' ପ୍ରକାଶିତ ହୋଇଛି, ସେଥିରେ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷା ମଧ୍ୟରେ ଏହି ପଥନିର୍ଦ୍ଦେଶ ଆପଣମାନେ ପାଇବେ। ଆପଣଙ୍କର ସନ୍ତାନ ଆପଣଙ୍କର ବୋଲି କଣ ତାକୁ ଆପଣ ମଣିଷ କରି ପାରିବେ ? ଗୋଟିଏ ଶିଶୁ ମନକୁ କିଭଳି ତିଆରି କରିବାକୁ ହୁଏ, ତାକୁ କିଭଳି ମଣିଷ କରିବାକୁ ହୁଏ, ତାହା ଜାଣିବାକୁ ହେଲେ ସେହି ଶିକ୍ଷା ଦରକାର, ସେହି ଜ୍ଞାନ ଦରକାର। ସନ୍ତାନ ଜନ୍ମ ଦେଲେ ହିଁ କ'ଣ ଯେକୌଣସି ପିତାମାତା ଏହି କ୍ଷମତା ଅର୍ଜନ କରିପାରନ୍ତି ? ମନେରଖିବେ, ଭଲପାଇବା ଆଉ ଦୁର୍ବଳତା ସମାନ ନୁହେଁ। ପ୍ରକୃତ ଭଲପାଇବା ଶକ୍ତି ଦିଏ, ମଣିଷ କରେ। ଅନ୍ୟଦିଗରେ ଦୁର୍ବଳତା ମଣିଷର କ୍ଷତି କରି ଦିଏ। ବହୁ କମ୍ରେଡ୍ ଅଛନ୍ତି, ଯେଉଁମାନେ ଚାହାନ୍ତି ସେମାନଙ୍କର ସନ୍ତାନ କମସୋମଲର ପ୍ୟାରେଡରେ ଆସୁ, କିନ୍ତୁ ପଢାଶୁଣା ଭଲଭାବେ କରୁ। ପୂର୍ବରୁ ବି ଥିଲା, ଅତୀତ ଦିନରେ ବି ଥିଲା, ପୁଅ ପାଠ ପଢିଛି କିନ୍ତୁ ମଣିଷ ହୋଇନି। ପଢାଶୁଣା କରିବା ଆଉ ମଣିଷ ହେବା ସମାନ ନୁହେଁ। ଶରତଚନ୍ଦ୍ର 'ବୈକୁଣ୍ଠର ଉଇଲ୍' ଗଳ୍ପରେ ଅଶିକ୍ଷିତ ଗୋକୁଳ ଏବଂ ଶିକ୍ଷିତ ବିନୋଦର ପାର୍ଥକ୍ୟ ମଧ୍ୟରେ ଏହା ଦର୍ଶାଇଛନ୍ତି। ସନ୍ତାନକୁ କିଭଳି

ପରିଚାଳନା କରିବାକୁ ହେବ, ସେ ସମ୍ପର୍କରେ ମଧ୍ୟ ପାର୍ଟି ଶିକ୍ଷା ଅନୁଯାୟୀ ଚାଲିବେ। ଏଠାରେ କୌଣସି ଦୁର୍ବଳତାକୁ ପ୍ରଶ୍ରୟ ଦେବା ଚଳେନା। ତା' ନହେଲେ ମୋର ସନ୍ତାନ, ମୋର ସ୍ୱାମୀ, ମୋର ସ୍ତ୍ରୀ, ଏହିଠାରେ ହିଁ 'ମୁଁ' ରହିଗଲି। ଏଠି ତ ବ୍ୟକ୍ତିଗତ ସମ୍ପତ୍ତି, ବ୍ୟକ୍ତିଗତ ସମ୍ପତ୍ତିଭିତ୍ତିକ ଦୃଷ୍ଟିଭଙ୍ଗୀ ରହିଗଲା। ଯାହାଫଳରେ ବର୍ତ୍ତମାନ କିଛି କମ୍ରେଡ୍ ଆଖିରୁ ଲୁହ ଝରାଉଛନ୍ତି, ଦୀର୍ଘ ନିଃଶ୍ୱାସ ଛାଡୁଛନ୍ତି। କେହି କେହି ହୁଏତ ସଠିକ୍‌ଭାବେ ଚେଷ୍ଟା କରିଛନ୍ତି, ତା ସତ୍ତ୍ୱେ ବି ପରିବେଶ ଯୋଗୁ ଅନେକ ସମୟରେ ହୁଏନା। ପୁଣି ଅନେକେ ହିଁ ଚାହାନ୍ତି, ସନ୍ତାନ ପାର୍ଟି କାମ କରୁ ଓ ଏହା ସହିତ ଭଲଭାବେ ପଢାଶୁଣା କରୁ। ଏହା କରିବାକୁ ଯାଇ ଦେଖାଗଲା ପାର୍ଟି ଆଉ ରହିଲା ନାହିଁ। ସନ୍ତାନ ପଢାପଢି କରି କ୍ୟାରିୟର ଦିଗରେ ଚାଲିଗଲା। ଏହି ସନ୍ତାନକୁ ନେଇ ଗର୍ବ କରିବାର କଣ ଅଛି ? ବରଂ ଯେଉଁ ପୁଅ-ଝିଅମାନେ ଘରଦ୍ୱାର ଛାଡି, କ୍ୟାରିୟର ଛାଡି ଦିନରାତି ପରିଶ୍ରମ କରୁଛନ୍ତି, ସେମାନଙ୍କୁ ସନ୍ତାନ ଭଳି ଭଲ ପାଆନ୍ତୁ- ସେମାନେ ହିଁ ତ ଆପଣମାନଙ୍କର ସନ୍ତାନ। ପ୍ରୟୋଜନରେ ନିଜର ପଥଭ୍ରଷ୍ଟ ସନ୍ତାନ ସହିତ ବିଚ୍ଛେଦ ହେବ। ଏହି ବିପ୍ଳବୀ ଦୃଷ୍ଟିଭଙ୍ଗୀ ଦରକାର। ଫଳରେ ଜୀବନଯାତ୍ରା କ୍ଷେତ୍ରରେ ମଧ୍ୟ ଏହି ଦିଗଗୁଡ଼ିକ ପ୍ରତି ଆପଣମାନଙ୍କର ଲକ୍ଷ୍ୟ ରଖିବାକୁ ହେବ।

ଆଉ ଏକ ବିଷୟ ମୁଁ କହିବାକୁ ଚାହେଁ, କମ୍ରେଡ୍‌ସିପ୍ ହେଉଛି ଏକ ଉନ୍ନତ ସ୍ତରର ଭଲପାଇବାର ସମ୍ପର୍କ, ଆବେଗର ସମ୍ପର୍କ। ଅତୀତରେ ଯେତେ ଆବେଗପୂର୍ଣ୍ଣ ସମ୍ପର୍କ ଥିଲା, ତାହାଠାରୁ ଊର୍ଦ୍ଧ୍ୱରେ ଏହି ସମ୍ପର୍କ ମହାନ୍ ମାର୍କ୍ସବାଦ-ଲେନିନ୍‌ବାଦ-ଶିବଦାସ ଘୋଷଙ୍କ ଶିକ୍ଷାକୁ ଭିତ୍ତି କରି ଆସିଛି। ଆମେ ସମସ୍ତେ ହିଁ ବିପ୍ଳବୀ ସଂଗ୍ରାମର ସୈନିକ। ଆମର ଜୀବନକୁ ଉତ୍ସର୍ଗ କରିବା ସକାଶେ ଆମେ ପ୍ରସ୍ତୁତ ଅଛୁ। ଏଥିପାଇଁ ଜଣେ ଅନ୍ୟ ଜଣଙ୍କୁ ଗଭୀର ଆବେଗରେ ଭଲ ପା'ନ୍ତି, ଶ୍ରଦ୍ଧା କରନ୍ତି। ବର୍ତ୍ତମାନ ବହୁ କମ୍ରେଡ୍ ଅଛନ୍ତି ଯେଉଁମାନେ ନିଜ ନିଜର କାମ କରିଯା'ନ୍ତି, ମାତ୍ର ଏହି ଯେଉଁ କମ୍ରେଡ୍‌ସିପ୍, ଭଲପାଇବାର ସମ୍ପର୍କ ଗଢିତୋଳନ୍ତି କି ? ଜଣେ ଅନ୍ୟ ଜଣଙ୍କ ସମ୍ପର୍କରେ ଭାବନ୍ତି କି ? ଖୋଜଖବର ରଖନ୍ତି କି ? କେହି ଜଣେ କମ୍ରେଡ୍ ଅସୁସ୍ଥ, ହୁଏତ ସେ ତାଙ୍କ ୟୁନିଟ୍‌ର ମେମ୍ବର ନୁହଁନ୍ତି, ତାଙ୍କ ଫ୍ରଣ୍ଟର ଲୋକ ନୁହଁନ୍ତି, ଚେହେରାଟା ଭଲ ଦେଖାଯାଉ ନାହିଁ, ଅସୁସ୍ଥ- ଏସବୁ ଦେଖି ତାଙ୍କର ମନ ଉଦ୍‌ବିଗ୍ନ ହେଉଛି କି ? ଅଫିସରେ ଦେଖିଥିଲି ବା କେଉଁଠି ଦେଖିଥିଲି। ଏପରିକି ତାଙ୍କର ନାଁ ଜାଣେ ନା, କେଉଁ ଜିଲ୍ଲାର ଲୋକ, କେଉଁ ରାଜ୍ୟର ଲୋକ ଜାଣେନା, କିନ୍ତୁ ସେ ଆମେ ପାର୍ଟି କମ୍ରେଡ୍ ତ ! ଏହି ଯେଉଁ

ଭିତରର ଆବେଗ, 'ଆମର କମ୍ରେଡ୍'- ଏଠି ମଧ୍ୟ ବ୍ୟକ୍ତିବାଦ ଏକ ବିରାଟ ବାଧାଭାବେ ଠିଆ ହୋଇଛି। କମ୍ରେଡ୍‌ମାନଙ୍କ ମଧ୍ୟରେ ଏହି ସମ୍ପର୍କ ଗଢି ନଉଠିଲେ ଗୋଟିଏ ବିପ୍ଳବୀ ସଂଗ୍ରାମର ସୈନିକ ଭାବେ ଏକାତ୍ମ ହୋଇ ଆମେ ଲଢିବୁ କିପରି ? ମୁଁ ବର୍ତ୍ତମାନ କୌଣସି ୟୁନିଟ୍‌କୁ ଯାତାୟାତ କରେନା। ମାତ୍ର ଯେତିକି ମୁଁ ଲକ୍ଷ୍ୟ କରିଛି, ଏହା ଦେଖିଲେ ଖୁବ କଷ୍ଟ ପାଏ। ପୂର୍ବରୁ ଦଳ ଯେତେବେଳେ ଛୋଟ ଥିଲା, ବିଭିନ୍ନ ୟୁନିଟ୍‌ରେ, ବିଭିନ୍ନ ଫ୍ରଣ୍ଟରେ ଆମେ କାମ କରିଛୁ। ମାତ୍ର ଆମର ସମବୟସୀମାନଙ୍କ ମଧ୍ୟରେ, କମ୍ରେଡ୍‌ମାନଙ୍କ ମଧ୍ୟରେ ଏକ ଏକାତ୍ମତାବୋଧ ଥିଲା। ଏହି ଯେଉଁ ଇମୋସନାଲ ଫିଲିଂ (ଆବେଗପୂର୍ଣ୍ଣ ଭଲପାଇବା)- ତାହା ମଧ୍ୟ ଲ୍ୟାକ୍ (ଅଭାବ ହେଉଛି) କରୁଛି। ଆପଣମାନଙ୍କୁ ମୁଁ କହୁଛି, ଏହା ମଧ୍ୟ ଆଗାମୀ ଦିନରେ ସଂକଟ ହୋଇ ଆସିବ। ଦଳ ମଧ୍ୟରେ ମୁଁ ବର୍ତ୍ତମାନ ବୟୋଜ୍ୟେଷ୍ଠ। ମୁଁ ଦିନେ ରହିବି ନାହିଁ, ଯେଉଁମାନେ ମୋ ପଛରେ ବସିଛନ୍ତି ସେମାନେ ମଧ୍ୟ ରହିବେ ନାହିଁ। ଏହି ଷ୍ଟାଣ୍ଡାର୍ଡ ନେଇ ଆପଣମାନେ ଯଦି ପାର୍ଟି ନେତୃତ୍ୱକୁ ଆସନ୍ତି, ତାହେଲେ ପାର୍ଟିର ହାଲ କଣ ହେବ ? ହୁଏତ କଳେବର ବଢିବ, କିନ୍ତୁ ସେହି କଳେବର ବୃଦ୍ଧି କଣ ପାର୍ଟିକୁ ରକ୍ଷା କରିବ ? ଏହା ଠିକ୍ ଯେ କମ୍ରେଡ୍ ଶିବଦାସ ଘୋଷଙ୍କ ଉନ୍ନତ ଗାଇଡ୍‌ଲାଇନ୍ ଅଛି। ଲେନିନ୍-ଷ୍ଟାଲିନ୍‌ଙ୍କର ମଧ୍ୟ ଉନ୍ନତ ଗାଇଡ୍‌ଲାଇନ୍ ଥିଲା, ତେବେ ସୋଭିଏତ୍ ପାର୍ଟି ଭାଙ୍ଗିଲା କିଭଳି ? ଗାଇଡ୍‌ଲାଇନ୍ ବହିରେ ରହିଲେ ହିଁ କଣ ହୋଇଯିବ ? ତାହାରି ଭିତ୍ତିରେ ତ ଚରିତ୍ର ଦରକାର, ପ୍ରକୃତ କମ୍ୟୁନିଷ୍ଟ ଚାହୁଁ, ସେଥିନିମନ୍ତେ ଜୀବନ ସାଧନା ଚାହୁଁ। Constant common association, constant common discussion(ଯୌଥ ଜୀବନଯାପନ, ଯୌଥ ଆଲୋଚନା) constant common activity(ଯୌଥ କ୍ରିୟା)କୁ ଶକ୍ତିଶାଳୀ କରେ- ଏହା ହେଉଛି କମ୍ରେଡ୍ ଶିବଦାସ ଘୋଷଙ୍କ ବକ୍ତବ୍ୟ। ଏଠାରେ ଅଲଗାଭାବେ ୟୁନିଟ୍, ଜିଲ୍ଲା, ଫ୍ରଣ୍ଟର ବ୍ୟାରିୟର (ବାଧା) ରହିବ ନାହିଁ। କମ୍ରେଡ୍‌ମାନଙ୍କ ମଧ୍ୟରେ ମିଳାମିଶା, ଗଳ୍ପ, ହସଥଟ୍ଟା, ଚିନ୍ତାର ଆଦାନ ପ୍ରଦାନ ଆଦି ସବୁକିଛି ରହିବ। ତା' ମଧ୍ୟ ଦେଇ ପୁଣି ମୁଁ ଜଣଙ୍କୁ ଅନୁପ୍ରାଣିତ କରୁଛି, ଅନ୍ୟ କେହି ମୋତେ ଅନୁପ୍ରାଣିତ କରୁଛନ୍ତି। ତାଙ୍କର ଏକ ସମସ୍ୟା ମୁଁ ବୁଝିଲି। ଆମେ ସମସ୍ତେ ଗଳ୍ପ କରୁଛୁ, ଜଣଙ୍କର ମ୍ଳାନ ମୁଖମଣ୍ଡଳରେ କିଛି ଯେମିତି ଅଛି ବୋଲି ମୋର ମନେହେଲା। ନେତାମାନଙ୍କୁ ଜଣାଇଲି। ଏହି ଯେ ଆଖି କାନ ଖୋଲା ରଖିବା, ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା- ଏଗୁଡ଼ିକୁ ମନେରଖିବା ଦରକାର।

କମ୍ୟୁନିଷ୍ଟ ଆଚରଣବିଧିକୁ ନେଇ ବହୁ କ୍ଲାସ ପୂର୍ବରୁ ମଧ୍ୟ ହୋଇଛି, ଏବେ ମଧ୍ୟ ହୁଏ। ଏହି ଆଚରଣବିଧି ମଧ୍ୟରେ ରହିଛି କମ୍ୟୁନିଷ୍ଟ ସଂସ୍କୃତି। ବ୍ୟକ୍ତିବାଦରୁ ମୁକ୍ତ ନହେଲେ କମ୍ୟୁନିଷ୍ଟ ଆଚରଣବିଧି ପାଳନ କରା ଯାଏନା, କମ୍ରେଡ୍ ଶିବଦାସ ଘୋଷ ଏହି ଶିକ୍ଷା ବ୍ୟକ୍ତ କରିଛନ୍ତି। ଏକଥା ମଧ୍ୟ କହିଛନ୍ତି ଯେ, କ୍ଷୁଦ୍ରତମ ରୂପରେ ସାମାନ୍ୟ ବି ବ୍ୟକ୍ତିବାଦ ଯଦି ରହିଯାଏ, ଧରନ୍ତୁ ଏହି ମିଟିଂରେ ଆପଣମାନଙ୍କୁ କହିବାକୁ ଦିଆଯାଇ ନାହିଁ, ତାଙ୍କୁ କାହିଁକି କହିବାକୁ ଦିଆଗଲା, ଆପଣଙ୍କର ପ୍ରଶଂସା ହୋଇ ନାହିଁ, ତାଙ୍କର କାହିଁକି ପ୍ରଶଂସା ହେଲା, ତା'ହେଲେ ମନ କ୍ଷୁନ୍ନ ହୁଏ। ଆପଣଙ୍କର ବକ୍ତବ୍ୟର ପ୍ରଶଂସା କରାଯାଇଛି, ଏଥିପାଇଁ ଆପଣଙ୍କର ଅହଂକାର ହୁଏ। ଆପଣଙ୍କର ସମାଲୋଚନା କରାଯାଇଛି, ଆପଣଙ୍କର ରାଗ ହୁଏ। କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ଏହି ଧରଣର କ୍ଷୁଦ୍ର ବ୍ୟକ୍ତିବାଦ କ୍ଷୁଦ୍ର ହୋଇ ରହିବ ନାହିଁ। ଏହାକୁ ବୁଝି ଦୂର କରି ନପାରିଲେ ଏହା ବଢ଼ିବ ଏବଂ ଏହା ମଧ୍ୟରୁ ସୁବିଧାବାଦ, ସଂଶୋଧନବାଦ ଆସିବ, ଅଧଃପତନ ଘଟିବ। କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ଯେକୌଣସି କମ୍ରେଡ୍‌ଙ୍କୁ ଦେଖିବ, ଏପରିକି ଯେକୌଣସି ଲୋକଙ୍କୁ ରାସ୍ତାରେ ଦେଖିବ, ତୁମେ ତା'ର ଗୁଣ ଦେଖିବ, ତୁମେ ତାର ତ୍ରୁଟି ଖୋଜିବ ନାହିଁ। ଏହି ଦୃଷ୍ଟି ନେଇ ଦେଖ, ଏହି କମ୍ରେଡ୍‌ଙ୍କ ନିକଟରୁ, ଏହି ଲୋକଟି ପାଖରୁ, ଏହି ଅଜ୍ଞ ନିରକ୍ଷର ଲୋକଟି ପାଖରୁ ମୋର ଶିଖିବାର କଣ ଅଛି। ଏହି ଶିଖିବାର ମନ ନେଇ ଦେଖ, ତ୍ରୁଟି ଖୋଜିବାକୁ ଯାଅନା। କହିଛନ୍ତି, ଗୁଣ ବୁଝିବାକୁ ଗଲେ ତ୍ରୁଟି ଥିଲେ ତ୍ରୁଟି ଆଖିରେ ପଡିବ। କିନ୍ତୁ ତ୍ରୁଟି ଖୋଜିବାର ମନ ନେଇ ଦେଖିବେ ନାହିଁ। କେତେ ଜଣ କମ୍ରେଡ୍ ଜୀବନରେ ଏହା ଚର୍ଚ୍ଚା କରୁଛନ୍ତି ? କେତେ ଜଣ କମ୍ରେଡ୍ ଅନ୍ୟ କମ୍ରେଡ୍‌ଙ୍କର କାମର ଗୁଣ ଦେଖି ପ୍ରଶଂସା କରୁଛନ୍ତି ? ଏପରିକି ଗୋଟିଏ ସେଣ୍ଟରରେ ରହି କେହି ଏ ଫ୍ରଣ୍ଟ, କେହି ସେ ଫ୍ରଣ୍ଟ, କିଏ ଏହି ଫୋରମ୍, କିଏ ସେହି ଫୋରମ୍, ଏହି ୟୁନିଟ୍ ସେହି ୟୁନିଟ୍‌ରେ କାମ କରନ୍ତି। କିଏ କେଉଁଠି କି କାମ କରୁଛନ୍ତି, ତାଙ୍କ କାମର ସାଫଲ୍ୟ କଣ, ବ୍ୟର୍ଥତା କଣ-ଏହି ଖବର ରଖିବାର ମନ ଥାଏ କି ? ପ୍ରତ୍ୟେକେ ହିଁ ନିଜର ୟୁନିଟ୍, ନିଜର ଫ୍ରଣ୍ଟ, ନିଜର ଫୋରମ୍ ନେଇ ବ୍ୟସ୍ତ। ଏହା ମଧ୍ୟ ଏକ ସଂକୀର୍ଣ୍ଣତାବାଦ। ଫଳରେ କମ୍ରେଡ୍‌ମାନଙ୍କ ମଧ୍ୟରେ ଦେଖାସାକ୍ଷାତ ହେଲେ ହିଁ, ସେଣ୍ଟରରେ ଥାନ୍ତୁ ବା ବାହାରେ ଥାନ୍ତୁ, ଅନ୍ୟ ପାଖରୁ ଶିଖିବାର ମନ ନେଇ କିଏ କେଉଁଠି କଣ କରୁଛନ୍ତି ବା କେଉଁଠି ସେ ଭୁଲ କରୁଛନ୍ତି, ତାହା କହୁଛନ୍ତି, ସେହି ଭୁଲରୁ ମଧ୍ୟ ଶିଖୁଛନ୍ତି ଯଦ୍ୱାରା କି ସେମାନେ ସେହି ଭୁଲ ନକରନ୍ତି। ଏହି ଚର୍ଚ୍ଚାର ମଧ୍ୟ ଖୁବ ଅଭାବ ରହିଛି। ଏହା

କାର୍ଯ୍ୟକାରୀ ହେବା ଦରକାର।

କମ୍ରେଡ୍ ଶିବଦାସ ଘୋଷ କହିଛନ୍ତି, ସମାଲୋଚକ ହେଉଛନ୍ତି ଶିକ୍ଷକ। ପ୍ରଶଂସା ଶୁଣିବାର ମନ ଯାହାର, ଯିଏ କେବଳ ନିଜର ଗୁଣ ଦେଖେ, ନିଜର ତ୍ରୁଟି ଖୋଜେ ନାହିଁ, ଅନ୍ୟ କେହି ତ୍ରୁଟି ଦେଖାଇଲେ ସେ ରାଗି ଯାଆନ୍ତି, କ୍ଷିପ୍ତ ହୋଇ ଯାଆନ୍ତି, ପାଲଟା ତା'ର ତ୍ରୁଟି ଖୋଜନ୍ତି, ସେ କଦାପି କମ୍ୟୁନିଷ୍ଟ ଚରିତ୍ର ଅର୍ଜନ କରିପାରିବେ ନାହିଁ। ଯେଉଁଥିପାଇଁ ସେ ଏଭଳି କଥା ମଧ୍ୟ କହିଛନ୍ତି, ବିପକ୍ଷ ଦଳ ମଧ୍ୟ ଯଦି ଗୋଟିଏ ସତ୍ୟ କଥା କହି ସମାଲୋଚନା କରନ୍ତି, ତାହାକୁ ଗ୍ରହଣ କରିବେ। ତାଙ୍କୁ ଶିକ୍ଷକର ମର୍ଯ୍ୟାଦା ଦେବେ। ଆମେ ଯେଉଁମାନେ ପଢୁଛୁ, ବ୍ୟାଖ୍ୟା କରୁଛୁ, ଆମେ ଜୀବନରେ ପ୍ରୟୋଗ କରୁଛୁ କି ? ନିଜକୁ ପ୍ରଶ୍ନ କରନ୍ତୁ। ସେ କହିଛନ୍ତି, କାହା ସମ୍ପର୍କରେ ମୋର କିଛି ମନେହେଲେ ମୁଁ ତତ୍‌କ୍ଷଣାତ୍ କନକ୍ଲୁଡ (ସିଦ୍ଧାନ୍ତ) କରେନା। ମୋର ମନେ ହେଲେ ମୁଁ ତାଙ୍କ ସହିତ ଆଲୋଚନା କରେ। ମୋର ମନେ ହେବାଟା ଠିକ୍ ନା ଭୁଲ ବୁଝିବାକୁ ଚେଷ୍ଟା କରେ। ଅନ୍ୟମାନଙ୍କ ସହିତ ଆଲୋଚନା କରେ। ତା'ପରେ କନ୍‌କ୍ଲୁଡ କରେ। ମାତ୍ର ବିଭିନ୍ନ କମ୍ରେଡ୍ ସମ୍ପର୍କରେ ନିଜର ଇମ୍‌ପ୍ରେସନ୍ (ଧାରଣା) ନେବା ପ୍ରଚଳିତ ସମାଜରୁ ଆମେ ପାଇଛୁ। ଏହା କଣ ବିଜ୍ଞାନସମ୍ମତ, ଯୁକ୍ତିସଙ୍ଗତ ? ଏହା କଣ ଯୌଥ ବିଚାରର ଭିତ୍ତିରେ ଆସିଛି ? ଏହା କଣ ନେତୃତ୍ୱର ବିଚାରର ଭିତ୍ତିରେ ଆସିଛି ? ନା, ଆପଣଙ୍କର ମନେହୋଇଛି ଏବଂ ସେହି ମନେହେବା ଧାରଣା ନେଇ ଆପଣ ଚାଲନ୍ତି। କୌଣସି ସମୟରେ ଜଣେ କମ୍ରେଡ୍‌ଙ୍କର ଗୋଟିଏ ତ୍ରୁଟି ଆପଣ ଦେଖିଛନ୍ତି। ତାଙ୍କ ମଧ୍ୟରେ ଆତ୍ମମ୍ଭରିତା ଥିଲା। ମାତ୍ର ସେ ସଂଗ୍ରାମ କରୁଛନ୍ତି। ପୂର୍ବ ଭଳି ସେତେଟା ଆତ୍ମମ୍ଭରିତା ନାହିଁ। ଅଛି କିନ୍ତୁ କମିଛି। ଦର୍ଶନରେ ଆମେ ଯାହାକୁ କହୁ ପରିମାଣଗତ ପରିବର୍ତ୍ତନ। ଏହି ଯେ ଧିରେ ଧିରେ ତାଙ୍କର ଅଗ୍ରଗତି ଘଟୁଛି, ତାହା ମଧ୍ୟ ଆପଣ ଲକ୍ଷ୍ୟ କରୁ ନାହାନ୍ତି। ଅଥବା ସେ ସମ୍ପୂର୍ଣ୍ଣ ବଦଳି ଯାଇଛନ୍ତି, ମାତ୍ର ଏବେ ମଧ୍ୟ ଆପଣଙ୍କର ମନେହୁଏ ତାଙ୍କ ମଧ୍ୟରେ ଆତ୍ମମ୍ଭରିତା ଅଛି। ଏହାକୁ କୁହାଯାଏ preconception (ପୂର୍ବ ନିର୍ଦ୍ଧାରିତ ଧାରଣା)। ଏହିସବୁ ବିଷୟଗୁଡ଼ିକ କମ୍ରେଡ୍‌ମାନଙ୍କ ମଧ୍ୟରେ ରହିଯାଇଛି। ମୁଁ ଏଠାରେ ଦୁଇ ଚାରିଟା କଥା କହିଲି। ତାଙ୍କର ଆହୁରି ମଧ୍ୟ ବହୁ ମୂଲ୍ୟବାନ ଆଲୋଚନା ରହିଛି। ଏଗୁଡ଼ିକୁ ଯଦି ଆମେ ଜୀବନରେ ଚର୍ଚ୍ଚା ନକରୁ ଓ ପ୍ରୟୋଗ ନକରୁ, ଏହା ତ ଆପଣା ଛାଏଁ ଆସିବ ନାହିଁ। ମୁଁ ପୁରା ବହିଟାକୁ ମୁଖସ୍ତ କରିଦେଇ ପାରେ, ଭଲ କୋଟ କରିପାରେ, ତାଦ୍ୱାରା ହିଁ କଣ ହେବ, ଯଦି ମୁଁ ସେହି ଅନୁଯାୟୀ ଆଚରଣ ନକରେ ? ମୋର କ୍ରିୟାରେ ଯଦି ତା'ର ପ୍ରତିଫଳନ ନହୁଏ ? ଏବଂ ହେଉଛି କି ନାହିଁ ସେଥିପ୍ରତି ମୁଁ

ଲକ୍ଷ୍ୟ ନରଖେ ? ଅନ୍ୟ କମ୍ରେଡ୍‌ମାନେ ମୋତେ ସଜାଗ କରିଦେଲେ ମୁଁ ଯଦି ଗ୍ରହଣ ନକରେ ?

ଆଉ ଗୋଟିଏ କଥା ମୁଁ ପୂର୍ବରୁ ହିଁ କହିଛି, ବର୍ତ୍ତମାନ ମଧ କହିବାକୁ ଚାହେଁ । କୌଣସି କମ୍ରେଡ୍‌ଙ୍କୁ ସମାଲୋଚନା କରିବା ପୂର୍ବରୁ ନିଜର ବିବେକକୁ ପ୍ରଶ୍ନ କରିବାକୁ ହେବ, ସେହି କମ୍ରେଡ୍‌ଙ୍କୁ ଆପଣ ଭଲ ପାଆନ୍ତି କି ନାହିଁ । ସେହି କମ୍ରେଡ୍‌ଙ୍କର ଗୁଣର କଦର ଆପଣ କରନ୍ତି କି ନାହିଁ । ସେହି କମ୍ରେଡ୍‌ଙ୍କ ଠାରୁ ଆପଣ ଶିଖି ପାରନ୍ତି କି ନାହିଁ । ଏହି ତିନୋଟି ବିଷୟ ରହିଲେ ହିଁ ଏକମାତ୍ର ଆପଣଙ୍କର କାହାରିକୁ ସମାଲୋଚନା କରିବାର ନୈତିକ ଅଧିକାର ଅଛି । ଗଭୀର ଭଲପାଇବା ମଧ୍ୟରୁ ଏହି ସମାଲୋଚନା ହେବ, ରାଗ-ବିଦ୍ୱେଷ ବା ରଗାରଗିରୁ ନୁହେଁ । ଆପଣଙ୍କ ପ୍ରତି ହୋଇଥିବା ଏକ ସମାଲୋଚନା ଆପଣଙ୍କର ମନପୁତ ହୋଇ ନାହିଁ, ଆପଣଙ୍କର ମନେ ହୋଇଛି ଯେ ଆପଣଙ୍କ ସହିତ ସେ ବ୍ୟବହାର ଭଲ କରି ନାହାନ୍ତି, ରାଗି ଯାଇ ତାଙ୍କର ସମାଲୋଚନା କଲେ । ଏହି ସମାଲୋଚନା ବିଦ୍ୱେଷମୂଳକ, ଶତ୍ରୁତାମୂଳକ । ଆଉ ଏକ ସମାଲୋଚନା ହେଉଛି, ନିଜର ବୋଲି ଭଲପାଏ, ତାର ତ୍ରୁଟି ଦେଖିଲେ ମୁଁ ଦୁଃଖ ପାଏ, ତାଙ୍କୁ ତ୍ରୁଟିମୁକ୍ତ କରିବାକୁ ଚାହେଁ, ଯାହାଫଳରେ ସେ ଆହୁରି ଯୋଗ୍ୟ ହୋଇ ପାରନ୍ତି । ଆପଣଙ୍କ ଠାରୁ ବି ସେ ଯୋଗ୍ୟତର ହୁଅନ୍ତୁ । ସେଥିରେ ହିଁ ଆପଣଙ୍କର ଆନନ୍ଦ । ଏହିସବୁ ଆଚରଣ ଜୀବନରେ ଚର୍ଚ୍ଚା କରିବା ପ୍ରୟୋଜନ । କମ୍ରେଡ୍‌ମାନେ ଏଗୁଡ଼ିକୁ ମନେରଖିବେ ।

ଏହା ପୂର୍ବରୁ ମୁଁ ଏକ ଆଲୋଚନା କରିଥିଲି, ଗୋଟିଏ ଫ୍ରଣ୍ଟ ଅନ୍ୟ ଫ୍ରଣ୍ଟକୁ କିଭଳି ସାହାଯ୍ୟ କରିପାରେ । ଛାତ୍ର ଫ୍ରଣ୍ଟ ଭାବିବ, ସେମାନଙ୍କର ସଦସ୍ୟ-କର୍ମୀମାନଙ୍କର ମା'ମାନେ ଏ.ଆଇ.ଏମ୍.ଏସ୍.ଏସ୍. ସହିତ ଯୁକ୍ତ କି ନୁହେଁ । ସେହି ଘରେ ଯେଉଁମାନେ ଚାକିରୀ କରୁଛନ୍ତି ସେମାନେ ଟ୍ରେଡ୍ ୟୁନିୟନ୍ ସହିତ ଯୁକ୍ତ କି ନୁହେଁ । ଏ.ଆଇ.ଏମ୍.ଏସ୍.ଏସ୍ ଦେଖିବ, ସେମାନଙ୍କର ସଦସ୍ୟମାନଙ୍କର ସନ୍ତାନମାନେ କମସୋମଲ- ଏ.ଆଇ.ଡି.ଏସ୍.ଓ ସହିତ ଯୁକ୍ତ କି ନା । ଟ୍ରେଡ୍ ୟୁନିୟନ୍ ଦେଖିବ, ସେମାନଙ୍କ ସଦସ୍ୟମାନଙ୍କ ଘରର ସନ୍ତାନମାନେ ଏ.ଆଇ.ଡି.ଏସ୍.ଓ-ଏ.ଆଇ.ଡି.ୱା.ଓ କରୁଛନ୍ତି କି ନା, ମହିଳାମାନେ ଏ.ଆଇ.ଏମ୍.ଏସ୍.ଏସ୍. କରୁଛନ୍ତି କି ନା । ମୁଁ କମସୋମଲ ଲିଡରମାନଙ୍କୁ କହୁଛି, କମସୋମଲ ହେବ ସିଲେକ୍ଟିଭ । ପାର୍ଟି ଘରର ପୁଅ-ଝିଅ ହେଲେ ହିଁ କମସୋମଲର ମେମ୍ବର ହେବେ- ବିଷୟଟି ଏଭଳି ନୁହେଁ । ଏହା ଗଣ ସଂଗଠନ ନୁହେଁ । କ୍ୟାରେକ୍ଟର-କଲଚର-ମୋରାଲ ଷ୍ଟାଣ୍ଡାର୍ଡ (ଚରିତ୍ର-ସଂସ୍କୃତି-ନୈତିକ ମାନ) ଦେଖି

କମସୋମଲର ଅନ୍ତର୍ଭୁକ୍ତ କରିବାକୁ ହେବ। ସାନ ସାନ ପୁଅ-ଝିଅମାନେ ଯେଉଁମାନେ ଆସୁଛନ୍ତି ସେମାନେ ଅନ୍ୟ ସଂଗଠନ କରନ୍ତୁ, କମସୋମଲ ନୁହେଁ। ଉକ୍ତ ପ୍ରସଙ୍ଗରେ ଏହି କଥାଟି ମୁଁ କହି ରଖିଲି।

ଗୋଟିଏ ଲୋକାଲ ପାର୍ଟିର ଲିଡରସିପ୍ ଅର୍ଥ ହେଉଛି, ତାଙ୍କୁ ଦେଖିବାକୁ ହେବ ସେହି ଲୋକାଲିଟିରେ ଏ.ଆଇ.ଡି.ଏସ୍.ଓ-ଏ.ଆଇ.ଡି.ୱା.ଓ-ଏ.ଆଇ.ଏମ୍.ଏସ୍.ଏସ୍ ଆଦି ଫ୍ରଣ୍ଟ-ଫୋରମ ଗଢି ଉଠୁଛି କି ନାହିଁ। ଏହା କେବଳ ସେହି ଫ୍ରଣ୍ଟର ଦାୟିତ୍ୱ ନୁହେଁ। ସେମାନେ ତ ନିଶ୍ଚିତଭାବେ ଦାୟିତ୍ୱ ପାଳନ କରିବେ। ଲୋକାଲ ପାର୍ଟି ତ ଏହାର ନେତୃତ୍ୱ ଦେବ। ନିଜ ଅଞ୍ଚଳରେ ସଂଗଠନଗୁଡିକ ଗଢି ଉଠୁଛି କି ନାହିଁ ଦେଖିବାକୁ ହେବ। ଅଧିକାଂଶ ଲୋକାଲ ୟୁନିଟ୍ ବିଶେଷକରି କଲିକତା ଓ ଅନ୍ୟ ସହରଗୁଡ଼ିକରେ ଯେଉଁଠି ସ୍ଥାନୀୟ ପୁଅ-ଝିଅଙ୍କ ସଂଖ୍ୟା କମ୍, ସେମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରୁ ଯେଉଁମାନେ ସହରକୁ ପଢିବା ପାଇଁ ଆସୁଛନ୍ତି ସେମାନେ ହିଁ ଅନେକ କ୍ଷେତ୍ରରେ କାମ କରୁଛନ୍ତି। ତାଦ୍ୱାରା କାମ ହୋଇଯାଉଛି। ସବୁ କ୍ଷେତ୍ରରେ ଏଭଳି ନହେଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ଏହା ଘଟୁଛି। କଲିକତାର କିଛି କିଛି ୟୁନିଟ୍‌ର ସଦସ୍ୟମାନେ ସହରର ଏକ ପ୍ରାନ୍ତରେ ଥାଆନ୍ତି, ଅନ୍ୟ ପ୍ରାନ୍ତରେ କାମ କରନ୍ତି। ସ୍ଥାନୀୟ ଅଞ୍ଚଳର କର୍ମୀ ନହେଲେ ଲୋକେ କନଫିଡେନ୍ସ୍ (ଭରସା) ପାଆନ୍ତି ନାହିଁ। ତେଣୁ ସ୍ଥାନୀୟ ଅଞ୍ଚଳରୁ ପୁଅ-ଝିଅମାନଙ୍କୁ ବାହାର କରିବା, ସଂଗଠନ ଗଢିତୋଳିବା-ଏହା ଉପରେ ଜୋର ଦେବାକୁ ହେବ। ପୁଣି ସେଲ୍ ମିଟିଂରେ ଲୋକାଲ ସେକ୍ରେଟାରି ରହିବେ, ଲୋକାଲ ମିଟିଂରେ ଜିଲ୍ଲା ସମ୍ପାଦକ ରହିବେ- ଏହିଭଳି ଚର୍ଚ୍ଚା କେଉଁଠି ଥିଲେ ତାହା ବନ୍ଦ ହେବା ଦରକାର। କେବଳମାତ୍ର କେଉଁଠି ପ୍ରୟୋଜନ ଦେଖା ଦେଲେ ସେମାନେ ଯିବେ। ଏମାନଙ୍କୁ ନିଜସ୍ୱଭାବେ ଫଙ୍କସନ୍ କରିବାକୁ ଦେବାକୁ ହେବ।

ଏକଥା ମଧ୍ୟ ବହୁ ଦିନ ଧରି କୁହାଯାଉଛି ଯେ, ପ୍ରତ୍ୟେକ କମ୍ରେଡ୍ ଯେଉଁଠି ଥାନ୍ତି, ସେଠାରେ ସେମାନେ ଘରେ ଘରେ, ସାହି ବସ୍ତିରେ ମିଶନ୍ତୁ। ଆମର କିଛି କମ୍ରେଡ୍ କୁଆଡେ ମିଶି ପାରୁ ନାହାନ୍ତି। ମିଶି ଯେ ପାରୁ ନାହାନ୍ତି, ତା' ମଧ୍ୟ ମୁଁ ବୁଝିପାରୁଛି। ସେମାନଙ୍କର ମିଶିବାର ଅଭ୍ୟାସ ନାହିଁ। ଆମ୍ଭମାନଙ୍କର ମଧ୍ୟ ତ୍ରୁଟି ଅଛି, ଆମେ ବହୁଦିନ ଏହି ବିଷୟଟି ଉପରେ ଗୁରୁତ୍ୱ ଦେଇ ନାହୁଁ। ଆପଣମାନଙ୍କର ରାଜ୍ୟ ସମ୍ପାଦକ ଦିନ-ରାତି ରାଜ୍ୟ କାମରେ ଘୁରୁଛନ୍ତି, ବର୍ତ୍ତମାନ ତାଙ୍କୁ ବାହାରକୁ ମଧ୍ୟ ପଠା ଯାଉଛି। ମୋତେ କିଛି ଦିନ ପୂର୍ବରୁ ସେ କହିଲେ, ପୂର୍ବରୁ ଯେମିତି କରୁଥିଲି, ମଝିରେ କାମ ଚାପରେ ବନ୍ଦ ହୋଇଯାଇଥିଲା, ପୁଣି

ଚା ଦୋକାନରେ ଲୋକଙ୍କ ସହିତ ଗଳ୍ପ କରିବା ଆରମ୍ଭ କରିଛି। ଶୁଣି ମୋତେ ଖୁବ ଭଲ ଲାଗିଲା। ତାହେଲେ ପ୍ରତ୍ୟେକ କର୍ମୀ ଯଦି ସାହି ବସ୍ତିର ଚା ଦୋକାନରେ ବସନ୍ତି, ଲୋକଙ୍କ ସହ ଗଳ୍ପ କରନ୍ତି, ସମୟ ଦିଅନ୍ତି, ଘର ଘର ଯାଆନ୍ତି, ତାହେଲେ କାମ ହେବ। ମାତ୍ର ସେମାନଙ୍କର ପ୍ରଶ୍ନ, କିଭଳି ଯିବୁ। ବର୍ତ୍ତମାନ ଏକ ସୁବିଧା ଅଛି, ଦସ୍ତଖତ ସଂଗ୍ରହ କରିବା ପାଇଁ ଯାଇ ପାରନ୍ତି। ପ୍ରତ୍ୟେକ ଘରେ ଅଭିଭାବକମାନେ ଶିକ୍ଷା ସଂକଟରେ, ବିଦ୍ୟୁତ୍ ସଂକଟରେ ଜର୍ଜରିତ। ଏଗୁଡ଼ିକୁ ନେଇ ଆଲୋଚନା କରାଯାଇ ପାରେ। ମୁଁ ଯଦି ପ୍ରକୃତରେ ମିଶିବାକୁ ଚାହେଁ, ତାହେଲେ କ'ଣ କାର୍ଯ୍ୟକ୍ରମର ଅଭାବ ଅଛି ? ମୋ ଭଳି ଲୋକ ଯଦି ନିଜକୁ ବଦଳାଇ ପାରେ, ଆପଣମାନେ ପାରିବେ ନାହିଁ କାହିଁକି ? ଆପଣମାନେ ଅନେକେ ହିଁ ଜାଣନ୍ତି ନାହିଁ, ମୁଁ ଯେତେବେଳେ ପୂର୍ବ ବଙ୍ଗରୁ ଆସେ, ଆଦୌ ମିଶି ପାରୁ ନଥିଲି, ଲାଜକୁଳା ଥିଲି। ଛୋଟ ଥିଲା ବେଳେ ମୋତେ ଖେଳିବାକୁ ଦିଆଯାଇ ନାହିଁ। ଏହି ଦଳ ସହିତ ମଧ୍ୟ ମୋର ସେତେବେଳେ ଯୋଗାଯୋଗ ହୋଇ ନାହିଁ। କାଳୀଧନ ସ୍କୁଲରେ ଏକ ଆବେଗ ନେଇ କାମ କରିଛି। ମୋର ତାହା କଠିନ ସଂଗ୍ରାମ ଥିଲା। କେତେବେଳେ ଯେ ମୁଁ ବଦଳି ଯାଇଛି, ମୁଁ ନିଜେ ମଧ୍ୟ ବୁଝି ପାରିନି। ମୁଁ ତ ବଡ ବିପ୍ଳବୀ ହୋଇ ଆସି ନଥିଲି। ମାତ୍ର ମୁଁ ଏତିକି ବୁଝିଥିଲି, କରିବାର ଯଦି ଆବେଗ ଥାଏ, କରିବାକୁ ହେବ, ଯେଉଁଭଳି ଭାବେ ହେଉ କରିବାକୁ ହେବ, ସେହି ଯୁଗର ବିପ୍ଳବୀ ଆନ୍ଦୋଳନରୁ ଏହି ଶିକ୍ଷାଟି ପାଇଥିଲି। ଅବଶ୍ୟ ଅଳ୍ପ କେତେ ମାସ ପରେ ହିଁ କମ୍ରେଡ୍ ଶିବଦାସ ଘୋଷଙ୍କ ସଂସ୍ପର୍ଶରେ ଆସିବାରୁ ବଞ୍ଚି ଯାଇଛି; ନହେଲେ କୁଆଡେ ଚାଲିଯାଇଥାନ୍ତି ତା'ର ଠିକ୍ ନଥାନ୍ତା। ଫଳରେ ପ୍ରୟୋଜନ ବୁଝିଲେ ନିଜକୁ ପରିବର୍ତ୍ତନ କରାଯାଇ ପାରେ। ଆମର ଏକ ବଡ ତ୍ରୁଟି ହେଉଛି, ପବ୍ଲିକ୍ ଆମକୁ ଶୋଭାଯାତ୍ରାରେ ଦେଖନ୍ତି, ମିଟିଂରେ ଦେଖନ୍ତି, କଲେକସନ୍‌ରେ ଦେଖନ୍ତି, କିନ୍ତୁ ସାହି ବସ୍ତିରେ ଆମକୁ ଖୋଜି ପାଆନ୍ତି ନାହିଁ। ଆମେ ସାହି ବସ୍ତିରୁ ବିଛିନ୍ନ, ଫଳରେ ଗୋଟିଏ ଅର୍ଥରେ ଜନସାଧାରଣଙ୍କ ଠାରୁ ବିଛିନ୍ନ। ସୁତରାଂ ପ୍ରତ୍ୟେକ କର୍ମୀଙ୍କ କ୍ଷେତ୍ରରେ ପଢିବା ଯେମିତି ଏକ ପ୍ରାତ୍ୟହିକ କାର୍ଯ୍ୟ, ବ୍ୟାୟାମ କରିବା ଯେମିତି ଏକ ପ୍ରାତ୍ୟହିକ କାର୍ଯ୍ୟ, ସେମିତି ସାହି ବସ୍ତିରେ ଘରେ ଘରେ ଲୋକଙ୍କ ସହିତ ମିଶିବାକୁ ଏକ ପ୍ରାତ୍ୟହିକ କାର୍ଯ୍ୟରେ ପରିଣତ କରନ୍ତୁ। ଏଠି ମୁଁ କହୁଛି, କିଛି କିଛି ଲିଡର ଏବେ ବି ଏହି ବ୍ୟାୟାମ କରିବା କ୍ଷେତ୍ରରେ ଅବହେଳା କରୁଛନ୍ତି। ଆଜି ମଧ୍ୟ ମୁଁ ବଞ୍ଚିଛି, ମୋର ବର୍ତ୍ତମାନ ବୟସ ୮୮ ବର୍ଷ। ଏମାନେ ସମସ୍ତେ ମୋର ସେହି କଠିନ ରୋଗ ଦେଖିଛନ୍ତି। ଏମାନେ

ଧରି ନେଇଥିଲେ, ମୁଁ ଆଉ ବେଶୀ ଦିନ ରହିବି ନାହିଁ। କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାକୁ ଆଖି ଆଗରେ ରଖି ୪୫ ବର୍ଷ ବୟସରୁ ମୁଁ ଏହି ବ୍ୟାୟାମ କରିବାର କଠିନ ସଂଗ୍ରାମ ଆରମ୍ଭ କରିଥିଲି। ଆଜି ମଧ୍ୟ ସେଥିପାଇଁ ମୁଁ ବଞ୍ଚି ରହିଛି। ବ୍ୟାୟାମ କେବଳ ବ୍ୟାୟାମ୍ ନୁହେଁ, ଏହା ଚରିତ୍ରରେ ମଧ୍ୟ ଶୃଙ୍ଖଳା ଆଣେ, ଚିନ୍ତାରେ ସଂହତି ଆଣେ। ତେଣୁ ସାହି ବସ୍ତିର ଲୋକଙ୍କ ସହିତ ମିଶନ୍ତୁ, ରୁଟିନ୍ ଓ୍ୱାର୍କ ଦରକାର ହେଲେ କମିବ। ରାଜ୍ୟ ତରଫରୁ କୁହାଯାଇଛି, ଦୁଇ ଦିନ କମ୍ରେଡ୍‌ମାନଙ୍କର କୌଣସି ରୁଟିନ୍ ଓ୍ୱାର୍କ ରହିବ ନାହିଁ। ମାତ୍ର ମୁଁ ଶୁଣିଛି ଯେ, ଲୋକାଲ ସେକ୍ରେଟାରିମାନେ ଶୁଣନ୍ତି ନାହିଁ। ସେମାନେ କେବଳ ପ୍ରୋଗ୍ରାମ ପରେ ପ୍ରୋଗ୍ରାମ ଦେଇ ଚାଲନ୍ତି। ମୁଁ ଏହା ମଧ୍ୟ କହିଛି ଯେ, ଗୋଟିଏ ଦିନରେ ହିଁ ତୁମେ ଲୋକାଲ ମିଟିଂ, ସେଲ ମିଟିଂ, ଗ୍ରୁପ୍ ରିଡିଂ କର। ସେଭ୍ ଦି ଡେ (ଦିନ ବଞ୍ଚାଅ)। ପବ୍ଲିକ୍ ସହିତ ମିଶିବା ପାଇଁ ଦିନ ବାହାର କର। ଏହା ଅବଶ୍ୟ ହିଁ ଆପଣମାନେ ପ୍ରତ୍ୟେକେ କରିବେ। ଜଣେ ଜଣେ କମ୍ରେଡ୍ ଗୋଟିଏ ଗୋଟିଏ ଲୋକାଲିଟି ବାଛି ନେବେ। ମିଶନ୍ତୁ, ମିଶିଲେ ଆପଣମାନଙ୍କୁ ମଧ୍ୟ ଭଲ ଲାଗିବ, ଲୋକଙ୍କର ଭଲପାଇବା ପାଇବେ, ସ୍ନେହ-ମମତା ପାଇବେ। ଆପଣମାନେ ତ ଅନ୍ୟମାନଙ୍କ ଭଳି ନୁହଁନ୍ତି, କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାର ପ୍ରଭାବ ଆପଣମାନଙ୍କ ମଧ୍ୟରେ ଯେତିକି ଅଛି ଯାହା ଲୋକେ ପ୍ରଶଂସା କରନ୍ତି, କୁହନ୍ତି ଏମାନେ ଭଦ୍ର, ନମ୍ର, ଆଚାର ଆଚରଣ ଭଲ, ଆମ ଘରର ସନ୍ତାନମାନଙ୍କ ଅପେକ୍ଷା ବି ଏମାନେ ଅନେକ ଭଲ- ଏହିଭଳି ଭାବେ ଲୋକେ ଭାବିବେ। ସର୍ବଦା ସାହି ବସ୍ତିରେ, ଚା ଦୋକାନରେ, ଟ୍ରେନ୍-ବସରେ, ଯେକୌଣସି ସର୍ବସାଧାରଣ ସ୍ଥାନରେ ଲୋକମାନଙ୍କ ଆଲୋଚନାରେ ପଶି ଯାଆନ୍ତୁ, ପବ୍ଲିକ୍ ସହିତ କଥା ହୁଅନ୍ତୁ, ଦ୍ୱିଧା-ସଂକୋଚ ମୁକ୍ତ ହୋଇ ଏକାମ କରନ୍ତୁ। ତା ଦ୍ୱାରା ଆପଣମାନେ ମଧ୍ୟ ପବ୍ଲିକ୍‌ର ଚିନ୍ତା ଭାବନା, ବିଭ୍ରାନ୍ତି ଜାଣି ପାରିବେ, ପୁଣି ପବ୍ଲିକ୍ ମଧ୍ୟ ଆପଣମାନଙ୍କ ମାଧ୍ୟମରେ ଦଳର ବକ୍ତବ୍ୟ ଜାଣି ପାରିବେ। ତେବେ ଲୋକଙ୍କ ଭାଷାରେ କହିବାକୁ ହେବ, ବକ୍ତୃତା ଦେବା ଭଳି ନୁହେଁ। ବର୍ତ୍ତମାନ ତ ଆହ୍ୱାନ ଦିଆଯାଇଛି, ସାହି ବସ୍ତିରେ ଆପଣମାନେ ଶିକ୍ଷା ବଞ୍ଚାଅ କମିଟି , ବିଦ୍ୟୁତ୍ ଗ୍ରାହକ କମିଟି ଗଢି ତୋଳନ୍ତୁ। ସାହି ବସ୍ତିର ଲୋକଙ୍କୁ ଯୁକ୍ତ କରାନ୍ତୁ। ଶିକ୍ଷାର ସଂକଟ ଲୋକଙ୍କୁ ଏତେ  ଚିନ୍ତାଗ୍ରସ୍ତ କରାଉଛି ଯେ, ଏହିଭଳି ମିଟିଂ କଲେ ଅଭିଭାବକମାନେ, ଶିକ୍ଷକମାନେ ସାମିଲ ହୋଇଯିବେ। ଘରେ ଘରେ ଚିଠି ଦେଇ ବିଦ୍ୟୁତ୍ ସମସ୍ୟା ନେଇ ମିଟିଂ ଡାକନ୍ତୁ। ଜଣେ ଲୋକ ଗୋଟିଏ ସାହିରେ ଚିଠି ଦେଲେ ହିଁ ଲୋକେ ସାମିଲ ହୋଇ ଯିବେ- ବିଦ୍ୟୁତ୍

ସଂକଟ ଏଭଳି ପରିସ୍ଥିତି ସୃଷ୍ଟି କରିଛି। ବଜାର କମିଟି ଗଠନ କରି ଦୋକାନୀ, କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଯୁକ୍ତ କରାନ୍ତୁ। ଏହି କ୍ଷୁଦ୍ର ବ୍ୟବସାୟୀ ଶିଳ୍ପପତିମାନେ ମଧ୍ୟ ଆକ୍ରାନ୍ତ, ଓ୍ବାଲ ମାର୍ଟ, ସ୍ପେନସାର, ଆମାଜନ, ଫ୍ଲିପ୍ କାର୍ଡ ଭଳି ମଲ୍ଟିନେସନାଲମାନେ ଏମାନଙ୍କୁ ଆକ୍ରମଣ କରୁଛନ୍ତି। ଏମାନେ ବର୍ତ୍ତମାନ ଲୁଣ, ତେଲ, ସାବୁନ, ଟୁଥ୍‌ପେଷ୍ଟ ବିକ୍ରି କରୁଛନ୍ତି, ଏପରିକି ମାଛ, ପନିପରିବା, ଫଳମୂଳ ମଧ୍ୟ ବିକ୍ରି କରୁଛନ୍ତି। ଏହିସବୁ ଦୋକାନଗୁଡ଼ିକ ଉଠି ଯିବେ। ଦଳେ ଗିଗ୍ ଓ୍ବାର୍କର ଏହି ଜିନିଷସବୁ ଘରେ ଘରେ ପହଞ୍ଚାଇ ଦେଉଛନ୍ତି। ଫଳରେ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସଂଗଠିତ କରନ୍ତୁ, ଆମ ପାଇଁ ବହୁ ରାସ୍ତା ଖୋଲା ଅଛି।

କମ୍ରେଡ୍‌ମାନେ ଫ୍ରଣ୍ଟାଲିଜିମ୍‌ରୁ ମୁକ୍ତ ହୁଅନ୍ତୁ। ମୁଁ ଜାଣେ, ଫ୍ରଣ୍ଟ ବା ଫୋରମ୍ କାମ କଲେ ତା' ପ୍ରତି ଏକ ଆବେଗ ଥାଏ। ମାତ୍ର ମୁଁ ଫ୍ରଣ୍ଟ ବା ଫୋରମ୍‌ର କାମ କଣ ପାଇଁ କରୁଛି ? ଫ୍ରଣ୍ଟ ପାଇଁ, ଫୋରମ୍ ପାଇଁ, ନା ବିପ୍ଳବ ପାଇଁ? ମୁଁ ତ ପାର୍ଟିର କର୍ମୀ। ମୁଁ ତ ଦେଖିବି ଏହି ଫ୍ରଣ୍ଟ ମାଧ୍ୟମରେ ପାର୍ଟିର କାମ ହେଉଛି କି ନାହିଁ ? ଏହି ଫୋରମ ମାଧ୍ୟମରେ ପାର୍ଟିର କାମ ହେଉଛି କି ନାହିଁ ? କେତେ ଜଣ ସମର୍ଥକ ପାର୍ଟି ସହିତ ଯୁକ୍ତ ହେଉଛନ୍ତି ? କେତେ ଜଣ କର୍ମୀ ପାର୍ଟି ସହିତ ଯୁକ୍ତ ହେଉଛନ୍ତି ? ସଜାଗ ନରହିଲେ ଏହିସବୁ ଫ୍ରଣ୍ଟ ବା ଫୋରମ୍ କାମ ମଧ୍ୟରେ ରହି ରହି ଫ୍ରଣ୍ଟାଲିଜିମ୍ ଆସିଯାଏ, କମ୍ରେଡ୍‌ମାନଙ୍କର ପାର୍ଟି ସହିତ ଏକ ଦୂରତ୍ୱ ଆସିଯାଏ ବା ଏକାତ୍ମତା ଗଢି ଉଠିବା କ୍ଷେତ୍ରରେ ଏକ ବ୍ରେକ୍ ଆସିଯାଏ। ଫ୍ରଣ୍ଟ ଏବଂ ଫୋରମ୍‌ର କର୍ମୀମାନେ ସଜାଗ ରହିବେ। ଜଣେ କମ୍ରେଡ୍ ମୋତେ ଅତ୍ୟନ୍ତ ସଠିକ୍ ଭାବେ ହିଁ ପଏଣ୍ଟ ଆଉଟ କରିଛନ୍ତି, ୧୫ ଦିନ ଧରି କମ୍ରେଡ୍ ଶିବଦାସ ଘୋଷଙ୍କ ପ୍ରୟାଣ ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସମୟରେ ଏ.ଆଇ.ଡି.ଏସ୍.ଓର ସର୍ବଭାରତୀୟ କାର୍ଯ୍ୟକ୍ରମ, ଟ୍ରେଡ୍ ୟୁନିୟନ୍‌ର ପ୍ରୋଗ୍ରାମ, କୃଷକ ଫ୍ରଣ୍ଟର ପ୍ରୋଗ୍ରାମ ଫେସ୍‌ବୁକ୍‌ରେ ଘୋଷଣା କରାଯାଉଛି। ଏହି ସମୟରେ ତ ଫେସ୍‌ବୁକ୍‌ରେ କମ୍ରେଡ୍ ଶିବଦାସ ଘୋଷଙ୍କ କୋଟେସନ୍ ଭର୍ତ୍ତି ରହିବାର କଥା, ୫ ଅଗଷ୍ଟର ଆହ୍ୱାନ ଛାଇଯିବା କଥା, ତା'ପରେ ତ ଅନ୍ୟ କାମ। କିନ୍ତୁ ଏହି ଝୁଙ୍କ୍ ଗୁଡ଼ିକ ଆସେ। ଏହି ଝୁଙ୍କ୍‌ଗୁଡ଼ିକ ପାର୍ଟି ସହିତ ଏକାତ୍ମତା ପଥରେ ଅନ୍ତରାୟ ସୃଷ୍ଟି କରେ। ଏଗୁଡ଼ିକୁ ଆପଣମାନଙ୍କୁ ମନେରଖିବାକୁ ହେବ।

ପାର୍ଟି କାମ କ୍ଷେତ୍ରରେ ସେଲ୍ ଉପରେ ଖୁବ୍ ଗୁରୁତ୍ୱ ଦେବାକୁ ହେବ। ସେଲ ଗଠନ କରିବା ଏବଂ ରକ୍ଷା କରିବା ଖୁବ୍ କଠିନ କାମ। ତିନି ଜଣ ବା ପାଞ୍ଚ ଜଣଙ୍କୁ ନେଇ ହେଉଥିବା ସେଲର ଅର୍ଥ ହେଲା, ସେଲର ପ୍ରତ୍ୟେକ ସଭ୍ୟ କାମରେ

ଅଛନ୍ତି କି ନାହିଁ, କେତେ କରୁଛନ୍ତି, ତାଙ୍କର ସମସ୍ୟା କଣ, ଏଗୁଡିକୁ ଜାଣିବା, ବୁଝିବା, ସେମାନଙ୍କୁ କ୍ରିୟାଶୀଳ କରିବା। ତା ଉପରେ ଅଛି ଲୋକାଲ କମିଟି। ପୁଣି ଲୋକାଲ କମିଟିର ମେମ୍ବରମାନେ ମଧ୍ୟ ସେଲ ସହିତ ଯୁକ୍ତ ରହିବେ। ଲୋକାଲ କମିଟି ସଭ୍ୟ, ଲୋକାଲ କମିଟି ସମ୍ପାଦକଙ୍କର କାମ ଖାଲି ସେଲର ଖବର ରଖିବା ନୁହେଁ, ତାଙ୍କୁ ମଧ୍ୟ ସିଧାସଳଖ ଫିଲ୍ଡରେ କାମ କରିବାକୁ ହେବ। ଜିଲ୍ଲା କମିଟି ସଭ୍ୟମାନେ ମଧ୍ୟ ସିଧାସଳଖ ଫିଲ୍ଡରେ କାମ କରିବେ। ଜିଲ୍ଲାର କୌଣସି ନା କୌଣସି ଜାଗାର ଦାୟିତ୍ୱ ନେଇ ସେମାନେ କାମ କରିବେ। କୌଣସି ନା କୌଣସି ସ୍ଥାନରେ ପାର୍ଟି ଗଢି ତୋଳିବାର ସଂଗ୍ରାମ ସହିତ ସେମାନେ ଯୁକ୍ତ ରହିବେ। ଜିଲ୍ଲା ସମ୍ପାଦକଙ୍କୁ ବହୁ ସ୍ଥାନ ବୁଲିବାକୁ ହୁଏ, ଏହା ଠିକ୍। ମାତ୍ର ଏହା indirect work (ପରୋକ୍ଷ କାର୍ଯ୍ୟ)। ମୁଁ ଜିଲ୍ଲା ସମ୍ପାଦକମାନଙ୍କୁ କହିବି, ଅଳ୍ପ ସମୟ ପାଇଁ ହେଲେ ବି ପ୍ରତ୍ୟକ୍ଷଭାବେ ବାସ୍ତବ ପରିସ୍ଥିତିକୁ ଜାଣିବା ପାଇଁ କୌଣସି ନା କୌଣସି ସ୍ଥାନରେ ସେମାନେ ପାର୍ଟି ଗଢି ତୋଳିବାର ସଂଗ୍ରାମ ସହିତ ଯୁକ୍ତ ରହିବେ। ଏହା ସେମାନଙ୍କର ନେତୃତ୍ୱକୁ ମଧ୍ୟ ସାହାଯ୍ୟ କରିବ। ଏହି ସଂଗ୍ରାମ ନକଲେ, କେବଳ ସିନିୟରିଟି (ବରିଷ୍ଠତା) ଭିତ୍ତିରେ ମୁଁ ଲୋକାଲ କମିଟିର ସଭ୍ୟ, ମୁଁ ଲୋକାଲ ସେକ୍ରେଟାରୀ, ମୁଁ ଜିଲ୍ଲା କମିଟି ମେମ୍ବର, ମୁଁ ଜିଲ୍ଲା କମିଟି ସମ୍ପାଦକ- ଏହିଭଳିଭାବେ କାର୍ଯ୍ୟକାରୀ ନେତୃତ୍ୱ ଦେଇ ପାରିବେ ନାହିଁ। ମିଟିଂର ଏଜେଣ୍ଡା ପୂର୍ବରୁ ହିଁ ଦିଆଯାଇଥିବ। ପ୍ରତ୍ୟେକ କମ୍ରେଡ୍ ମିଟିଂରେ ଯେମିତି କହିପାରନ୍ତି ସେଥିନିମିତ୍ତ ସମସ୍ତେ ମତାମତ ଦେବା ପାଇଁ ଚିନ୍ତା କରି ଆସିବେ। ଯଦି ପ୍ରୟୋଜନ ହୁଏ ସେକ୍ରେଟାରୀ ସବାଶେଷରେ କହିବେ। ଦରକାର ନହେଲ ସେକ୍ରେଟାରୀ ଆଦୌ କହିବେ ନାହିଁ। ଏଠାରେ କେନ୍ଦ୍ରୀୟ କମିଟି ସଭ୍ୟମାନେ ଉପସ୍ଥିତ ଅଛନ୍ତି। କିଭଳି କେନ୍ଦ୍ରୀୟ କମିଟି ମିଟିଂ ପରିଚାଳନା ହୁଏ ସେମାନେ ଜାଣନ୍ତି। ସେମାନେ ହିଁ ଆଲୋଚନା କରନ୍ତି। ସେମାନେ ହିଁ ସିଦ୍ଧାନ୍ତ ନିଅନ୍ତି। ପ୍ରୟୋଜନରେ ମୁଁ ହସ୍ତକ୍ଷେପ କରେ, ଶେଷରେ ମୁଁ କିଛି କଥା କୁହେ। ବିଭିନ୍ନ ସ୍ତରର ସେକ୍ରେଟାରୀମାନଙ୍କର ଏହି ଭୂମିକା ହେବା ଉଚିତ୍। ଅନ୍ୟମାନେ କୁହନ୍ତୁ, ତର୍କବିତର୍କ ହେଉ, ଆଲୋଚନା ହେଉ, ତାହାରି ମଧ୍ୟରୁ ସିଦ୍ଧାନ୍ତ ବାହାରି ଆସୁ। କମ୍ରେଡ୍‌ମାନଙ୍କର ଅଗ୍ରଗତି ଦରକାର, ବିକାଶ ଦରକାର। ସେମାନେ ଭାବୁଛନ୍ତି, ମୁଣ୍ଡ ଖେଳାଉଛନ୍ତି, ଚିନ୍ତା କରୁଛନ୍ତି। ଜୁନିୟର କମ୍ରେଡ୍‌ମାନଙ୍କୁ ଉତ୍ସାହ ଦେବାକୁ ହେବ। ସେମାନେ ନେତୃତ୍ୱର ମୁହଁକୁ ନଚାହିଁ ନିଜେ ବିଭିନ୍ନ ଧରଣର କାମ ସୃଷ୍ଟି କରନ୍ତୁ। ଜୁନିୟରମାନଙ୍କୁ ଆଦୌ ଧମକ ଦେବେ ନାହିଁ, କଟୁ ମନ୍ତବ୍ୟ କରିବେ ନାହିଁ, ସସ୍ନେହେ ସେମାନଙ୍କୁ ସାହାଯ୍ୟ

କରନ୍ତୁ। କେବଳ ପ୍ରୋଗ୍ରାମ ନେଇ କଥା ନୁହେଁ, ସେମାନଙ୍କର ବିଭିନ୍ନ ସମସ୍ୟାର ଖବର ରଖିବେ, ପ୍ରୟୋଜନରେ ଉଚ୍ଚତର ନେତୃତ୍ୱର ସାହାଯ୍ୟ ନେବେ। ସର୍ବସ୍ତରର ନେତାଙ୍କୁ 'ମୁଁ ନେତା', ଏହି ଭାବନାରୁ ମୁକ୍ତ ହେବାକୁ ପଡିବ। ମନେରଖିବାକୁ ହେବ, ଏହା ମୋର ଦାୟିତ୍ୱ। ସିନିୟରମାନେ ହିଁ ସବୁ ଭଲ ବୁଝନ୍ତି, ଜୁନିୟରମାନେ କିଛି ବୁଝନ୍ତି ନାହିଁ- ଏଧାରଣା ଠିକ୍ ନୁହେଁ। ସିନିୟରମାନଙ୍କର ମଧ୍ୟ ଜୁନିୟରମାନଙ୍କ ନିକଟରୁ ଶିଖିବାର ଥାଏ। ମହାନ ମାଓ ସେତୁଙ୍ଗ କହିଥିଲେ, ସେ ହିଁ ଭଲ ଶିକ୍ଷକ ଯିଏ ସର୍ବଦା ଛାତ୍ର ଭଳି ସମସ୍ତଙ୍କ ନିକଟରୁ ଶିଖେ।

କୌଣସି ପୁସ୍ତକ ନେଇ ପାର୍ଟି କମ୍ରେଡ୍‌ମାନଙ୍କର ଯେମିତି କ୍ଲାସ ହେବ, ସେମିତି ପାର୍ଟିର ସମର୍ଥକ ଜନଗଣ ବିଶେଷକରି କୃଷକ-ଶ୍ରମିକ ଯେଉଁମାନେ ଏତେ ପଲିଟିକାଲ ଟର୍ମ ଜାଣନ୍ତି ନାହିଁ, କଠିନ ତତ୍ତ୍ୱଗତ ଆଲୋଚନା ବୁଝିପାରନ୍ତି ନାହିଁ, ସେମାନଙ୍କୁ ନେଇ ମଧ୍ୟ ଅଲଗା ଧରଣର ଆଲୋଚନା ସଭା କରିବେ। ଉଦାହରଣ ସ୍ୱରୁପ, ସେଠି ପ୍ରଶ୍ନ ରଖିବେ, କାହିଁକି ମୂଲ୍ୟବୃଦ୍ଧି ହେଉଛି, କାହିଁକି ବେକାର ସମସ୍ୟା ବଢୁଛି ଇତ୍ୟାଦି। ପ୍ରତ୍ୟେକେ ହିଁ ସେମାନଙ୍କର ମତାମତ ଦେଉଛନ୍ତି, ତର୍କ ବିତର୍କ ହେଉଛି, ଯେମିତି ଚା ଦୋକାନରେ ହୁଏ, ଟ୍ରେନ ବା ସର୍ବସାଧାରଣ ସ୍ଥାନରେ ହୁଏ-ସେମିତି ହେବ। ତା'ପରେ ଉପସ୍ଥିତ କମ୍ରେଡ୍ ସେମାନଙ୍କ ବୁଝିଲା ଭଳି ଆଲୋଚନା କରିବେ। ଏହିଭଳି ଆଲୋଚନା ସଭା ପ୍ରତି ମାସରେ ଥରେ କରି ପାରନ୍ତି। ଏହି ସମର୍ଥକ ଜନଗଣଙ୍କର ପାର୍ଟି ପ୍ରତି ଆବେଗ ଅଛି, କିନ୍ତୁ ସେମାନେ ଦଳର ରାଜନୀତି ଜାଣନ୍ତି ନାହିଁ। ଧିରେ ଧିରେ ଏମାନଙ୍କୁ ସଚେତନ ଓ ଶିକ୍ଷିତ କରିବାକୁ ହେବ। କମ୍ରେଡ୍‌ମାନେ ସୋସାଲ-ଓୟେଲଫେୟାର-କଲଚରାଲ(ସାମାଜିକ-ଜନମଙ୍ଗଳକାରୀ-ସାଂସ୍କୃତିକ) କାର୍ଯ୍ୟକ୍ରମ କରନ୍ତୁ। ଏଗୁଡ଼ିକ ଅତ୍ୟନ୍ତ ପ୍ରୟୋଜନ। ଆମେ ଯେମିତି ଆନ୍ଦୋଳନ କରୁଛୁ, ଆମେ ଯେମିତି ଆଦର୍ଶ ପ୍ରଚାର କରୁଛୁ, ସେମିତି ନାଟକ-ସଙ୍ଗୀତ-ସାହିତ୍ୟ ଚର୍ଚ୍ଚା, କାବ୍ୟ ଚର୍ଚ୍ଚା କରିବା ଦରକାର। ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଉଦ୍ୟୋଗ ନିଅନ୍ତୁ। ଟ୍ୟାଲେଣ୍ଟେଡ (ପ୍ରତିଭାବାନ) ଲୋକମାନଙ୍କୁ ରାଜ୍ୟସ୍ତରକୁ ପଠାଇବାକୁ ହେବ। ଏହିଭଳି ଭାବେ ସାମାଜିକ କାମ ହିସାବରେ ରିଲିଫ୍ ସଂଗଠନକୁ ଗଣ୍ୟ କରିବାକୁ ହେବ। ପ୍ରତ୍ୟେକ ଜିଲ୍ଲା ଏଥିପାଇଁ କମ୍ରେଡ୍ ନିୟୋଗ କରିବେ। କିଛି ଛାତ୍ର-ଯୁବକ ବା ସାଧାରଣ ଲୋକ ଅଛନ୍ତି ଯେଉଁମାନେ ସିଧାସଳଖ ରାଜନୀତିକୁ ଆସିବା ପାଇଁ ଚାହାନ୍ତି ନାହିଁ। ମାତ୍ର ଦୁଃସ୍ଥ ଲୋକମାନଙ୍କ ନିମନ୍ତେ ଆର୍ଥିକ ସାହାଯ୍ୟ ଦେବା, ଲୁଗାପଟା ଦେବା, ଗରିବ ବସ୍ତିର ଗରିବ ଛାତ୍ରଛାତ୍ରୀମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା

ଆଦି କ୍ଷେତ୍ରରେ ଉଦ୍ୟୋଗ ନିଅନ୍ତି। ଏହି ଲୋକମାନଙ୍କୁ ଆମେ ସଂଗଠିତ କରି ପାରୁ। ଛାତ୍ର ଯୁବ ସଂଗଠନରେ ବହୁ ସାଧାରଣ ସଭ୍ୟ ଅଛନ୍ତି ଯେଉଁମାନେ ଅନ୍ୟ କୌଣସି କାମ କହିଲେ ଆସିବେ ନାହିଁ, କିନ୍ତୁ ଏହି କାମରେ ଯୁକ୍ତ ହେବେ। ଫଳରେ ରିଲିଫ୍ ସଂଗଠନକୁ ମଧ୍ୟ ଖୁବ ଗୁରୁତ୍ୱ ଦେଇ ଦେଖିବାକୁ ହେବ। ଇତିମଧ୍ୟରେ ହିଁ ଏକ ସଂଗଠନ ତିଆରି ହୋଇଛି, କିନ୍ତୁ ଗୁରୁତ୍ୱ ଅଭାବରୁ ଭଲଭାବେ କାମ ହେଉ ନାହିଁ। ଏହାକୁ ମଧ୍ୟ ଆପଣମାନେ ଗୁରୁତ୍ୱ ଦେବେ।

ଆଉ ଗୋଟିଏ ବିଷୟ ମୋତେ ଖୁବ ବେଦନାର ସହିତ କହିବାକୁ ପଡୁଛି। ମୁଁ ବିଗତ କେତେ ବର୍ଷ ଧରି ଆପଣମାନଙ୍କୁ ବାରମ୍ବାର କହୁଛି, ଶିଶୁ-କିଶୋରମାନଙ୍କୁ ପୁଞ୍ଜିବାଦୀ ଆକ୍ରମଣରୁ ବଞ୍ଚାନ୍ତୁ। ଅତି ଅଳ୍ପ ବୟସରୁ ହିଁ ସେମାନଙ୍କ ମଧ୍ୟରୁ ଅନେକେ ହିଁ ସେକ୍ସ ସମେତ ନାନା ଆଡିକ୍ସନର ଶୀକାର ହେଉଛନ୍ତି। ଏହାର ସର୍ବନାଶୀ ପ୍ରଭାବ ସର୍ବତ୍ର ପଡୁଛି ଏବଂ ତାହା ଆହୁରି ବଢିବ। ସମାଜ-ଘର-ସଂସାର ସବୁ ଧ୍ୱଂସ ହୋଇଯିବ। ବିପ୍ଳବୀ ହିସାବରେ ଆମର କଣ କୌଣସି ମାନବିକ କର୍ତ୍ତବ୍ୟ ନାହିଁ ? ଏହା ପରେ ତ ଝଣ୍ଡା ଧରିବା ପାଇଁ ଲୋକ ମିଳିବେ ନାହିଁ। ଆପଣମାନେ ତ ଦଳର ଅନ୍ୟାନ୍ୟ କର୍ମସୂଚୀ ନିଷ୍ଠାର ସହିତ କରନ୍ତି। ମାତ୍ର କାହିଁକି ସପ୍ତାହରେ ଦିନେ ସକାଳେ ବା ସନ୍ଧ୍ୟାବେଳେ ପ୍ରତ୍ୟେକେ ଏମାନଙ୍କୁ ନେଇ ଖେଳାଖେଳି, ସାଂସ୍କୃତିକ କାର୍ଯ୍ୟକ୍ରମ, ମନୀଷୀ ଓ ବିପ୍ଳବୀମାନଙ୍କ ସମ୍ପର୍କରେ ଆଲୋଚନା ମାଧ୍ୟମରେ ଉନ୍ନତ ଚରିତ୍ର ଅର୍ଜନର ଆକାଂକ୍ଷା ଜାଗ୍ରତ କରିବା- ଏସବୁ କରୁ ନାହାନ୍ତି ? ଏହି ସଂକଟ ଦେଖିଲେ କଣ ଆପଣଙ୍କ ବିବେକ ଯନ୍ତ୍ରଣାରେ ଛଟ୍‌ପଟ୍ କରେନା ? ତେଣୁ ମୁଁ ପୁନର୍ବାର ଆପଣମାନଙ୍କର ବିବେକ ନିକଟରେ ଆବେଦନ କରୁଛି, ନେତା-କର୍ମୀ ନିର୍ବିଶେଷରେ ପ୍ରତ୍ୟେକେ ଏହି ଉଦ୍ୟୋଗ ନିଅନ୍ତୁ। ଅନେକଙ୍କୁ ଆପଣମାନେ ବଞ୍ଚାଇ ପାରିବେ। ଚେଷ୍ଟା କଲେ ଏମାନଙ୍କ ମଧ୍ୟରୁ ଅନେକେ ନାନାଭାବେ ଯୁକ୍ତ ହୋଇ ପାରିବେ, ଯେଉଁମାନେ ହେବେ ନାହିଁ ସେମାନେ ମଧ୍ୟ ମନୁଷ୍ୟତ୍ୱର କିଛି ସନ୍ଧାନ ପାଇବେ। ଆଉ ଅଭିଭାବକମାନେ ଆପଣମାନଙ୍କୁ ଦୁଇ ହାତ ଟେକି ଆଶୀର୍ବାଦ କରିବେ।

ଆଉ ମୁଁ କହିବାକୁ ଚାହେଁ, ସାଧାରଣ ଲୋକ ଯେଉଁମାନେ ବାମପନ୍ଥୀ ନୁହନ୍ତି, ସେମାନେ ମଧ୍ୟ ସମଗ୍ର ଭାରତବର୍ଷରେ ଏକ ଗଭୀର ଶୂନ୍ୟତା ମଧ୍ୟରେ ଅଛନ୍ତି। ପ୍ରତିଷ୍ଠିତ ନେତା, ଦଳଗୁଡ଼ିକ ସମ୍ପର୍କରେ ସେମାନେ ବିତସ୍ପୃହ। ସେମାନେ ଏକ ଆଦର୍ଶବାଦୀ, ସତ, ନିଷ୍ଠାବାନ, ଚରିତ୍ରବାନ, ଅନ୍ୟାୟର ପ୍ରତିବାଦ କରେ- ଏଭଳି ଦଳ ଦେଖିଲେ ଆକୃଷ୍ଟ ହୁଅନ୍ତି। ଏମାନଙ୍କର ସଂଖ୍ୟା ବ୍ୟାପକ। ଏମାନଙ୍କୁ

ଆମେ ପାଉଛୁ, ଆହୁରି ମଧ୍ୟ ପାଇ ପାରୁ । ପୁଣି ବାମପନ୍ଥୀ ମନୋଭାବାପନ୍ନ ଲୋକ କିନ୍ତୁ ସି.ପି.ଆଇ(ଏମ୍) ସହିତ ଯୁକ୍ତ ନୁହଁନ୍ତି, ବାମପନ୍ଥୀ ବୋଲି ହିଁ ବଡ ଦଳ ହିସାବରେ ସି.ପି.ଆଇ(ଏମ୍)କୁ ଭୋଟ ଦିଅନ୍ତି, ଏହିଭଳି ଏକ ଭଲ ସଂଖ୍ୟକ ଲୋକ ଅଛନ୍ତି । ସେମାନେ ଆମ ପ୍ରତି ଆକୃଷ୍ଟ ହେଉଛନ୍ତି, ଆମ ସହିତ ଯୁକ୍ତ ହେଉଛନ୍ତି, ଉଦ୍ୟୋଗ ନେଲେ ଆହୁରି ମଧ୍ୟ ହେବେ । ଆଉ ଦଳେ ଅଛନ୍ତି, ଯେଉଁମାନେ ଏକଦା ସି.ପି.ଆଇ(ଏମ୍)ର କର୍ମୀ ଥିଲେ, ବର୍ତ୍ତମାନ ହତାଶ ହୋଇ ବସି ଯାଇଛନ୍ତି, ନିଷ୍କ୍ରିୟ, ଦଳ ସମ୍ପର୍କରେ ସେମାନଙ୍କର ସମାଲୋଚନା ଅଛି । ଏମାନଙ୍କୁ ମଧ୍ୟ ଆକୃଷ୍ଟ କରାଯାଇ ପାରେ । ପୁଣି ସି.ପି.ଆଇ(ଏମ୍)ର ଆଉ ଏକ ସଂଖ୍ୟକ କର୍ମୀ ଅଛନ୍ତି, ଯେଉଁମାନେ ବିଭିନ୍ନ ଜିଲ୍ଲାରେ ଆମର ରାଜନୀତି ପ୍ରତି ଆକୃଷ୍ଟ ହୋଇ ଦଳ ସହିତ ଯୁକ୍ତ ହେଉଛନ୍ତି । ସେମାନଙ୍କ ପ୍ରତି ମଧ୍ୟ ଆପଣମାନେ ଲକ୍ଷ୍ୟ ରଖିବେ । ସି.ପି.ଆଇ(ଏମ୍) ମଧ୍ୟରେ ଆଉ ଏକ ସଂଖ୍ୟକ ଲୋକ ଅଛନ୍ତି ଯେଉଁମାନେ ବର୍ତ୍ତମାନ ସି.ପି.ଆଇ(ଏମ୍)ର କାର୍ଯ୍ୟକଳାପକୁ ସମର୍ଥନ କରୁ ନାହାନ୍ତି । ଆମର ବହୁ ବକ୍ତବ୍ୟକୁ ସମର୍ଥନ କରନ୍ତି । ମାତ୍ର କୁହନ୍ତି, ଏତେ ଦିନ ଧରି ଏହି ଦଳଟା କରି ଆସିଛୁ, ଗୋଟେ ନାଡିର ସମ୍ପର୍କ ହୋଇ ଯାଇଛି, କିପରି ଏବେ ବ୍ରେକ୍ କରିବୁ ! ଏହା ହେଉଛି ସେମାନଙ୍କର ମାନସିକତା । ଏମାନଙ୍କ ସହିତ ମଧ୍ୟ ଯଦି ଯୋଗାଯୋଗ ରକ୍ଷା କରାଯାଏ, କଥାବାର୍ତ୍ତା କରାଯାଏ- ତାହେଲେ ବି ଏମାନଙ୍କ ମଧ୍ୟରୁ ଏକ ଭଲ ସଂଖ୍ୟକ ଲୋକଙ୍କୁ ଆମେ ପାଇ ପାରୁ । ସୁତରାଂ, ଯଦି ଆମେ ଏହିଭଳିଭାବେ କାର୍ଯ୍ୟକ୍ରମଗୁଡ଼ିକ କରିପାରୁ, ତେବେ ବାମପନ୍ଥୀ ଓ ଅଣବାମପନ୍ଥୀ,ଏହି ଦୁଇଟି ଅଂଶକୁ ହିଁ ଆମେ ଆକୃଷ୍ଟ କରିପାରୁ । ଏହିଭଳି ଲୋକମାନେ ଯେଉଁମାନେ ଏବେ ବି ସିଧାସଳଖ ପାର୍ଟିର କାର୍ଯ୍ୟକ୍ରମରେ ଆସିବା ଭଳି ପ୍ରସ୍ତୁତ ହୋଇ ନାହାନ୍ତି, ସେମାନଙ୍କୁ ବିଭିନ୍ନ ଫୋରମ୍‌ରେ, ପବ୍ଲିକ୍ କମିଟିରେ ଯୁକ୍ତ କରନ୍ତୁ ।

ବାଂଗଲାଦେଶ ଦେଖାଇ ଦେଲା, ଏକ ସ୍ପାର୍କ (ଅଗ୍ନିସ୍ଫୁଲିଙ୍ଗ) ବି କେତେ ବିଶାଳ ଗଣ ଆନ୍ଦୋଳନ ରୂପରେ ଫାଟି ପଡିପାରେ । ଏହି ଆନ୍ଦୋଳନରେ କୌଣସି ନେତା ନଥିଲେ, କୌଣସି ଦଳ ନେତୃତ୍ୱରେ ନଥିଲେ, ସାଧାରଣ ଛାତ୍ରମାନେ ହିଁ ସବୁକିଛି କରିଛନ୍ତି । ଆମ ଦେଶରେ ମଧ୍ୟ ଦେଖିଛି, ଦିଲ୍ଲୀର କୃଷକ ଆନ୍ଦୋଳନ ଏକ ବର୍ଷ ଧରି ଚାଲିଥିଲା । ଏଠି ମଧ୍ୟ କୌଣସି ଦଳର ଉଦ୍ୟୋଗ ନଥିଲା, କୌଣସି ନେତା ନଥିଲେ । ଏଠି ମଧ୍ୟ ଘଟଣାସ୍ଥଳରେ ୭୦୦ ଜଣଙ୍କର ମୃତ୍ୟୁ ହୋଇଛି । ଗୋଟିଏ ପରିବାରର କେହି ମରିଯାଇଛି, ତା ସତ୍ତ୍ୱେ ବି ସେମାନେ

ଆନ୍ଦୋଳନ ଛାଡି ଯାଇ ନାହାନ୍ତି । ଆମର ଯେଉଁ କମ୍ରେଡ୍‌ମାନେ ଯାଇଥିଲେ, ସେମାନେ ସେଠାରୁ ଅନୁପ୍ରାଣିତ ହୋଇଥିଲେ । ଆନ୍ଦୋଳନ ମଣିଷକୁ ବଦଳାଇ ଦିଏ । ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ କୌଣସି ବସ୍ତିରେ ହେଉ ବା ଅନ୍ୟ ଜାଗାରେ ହେଉ ଏହିଭଳି ଭାବେ ହଠାତ୍ ବିଦ୍ୟୁତ୍ ସମସ୍ୟା ନେଇ ବିକ୍ଷୋଭ ଆରମ୍ଭ ହୋଇ ଯାଇ ପାରେ, ରାସ୍ତା ଅବରୋଧ ହୋଇ ଯାଇପାରେ । ଆଉ ଏକ ସ୍ଥାନରେ ହୁଏତ ନାରୀ ଧର୍ଷଣକୁ କେନ୍ଦ୍ର କରି ବିକ୍ଷୋଭ ଆରମ୍ଭ ହୋଇ ଯାଇପାରେ । ଆଉ ଏକ ସ୍ଥାନରେ ହୁଏତ କୌଣସି ନେତା ବା ଅଫିସର ଲାଞ୍ଚ ମାଗୁଛି, ତା' ବିରୁଦ୍ଧରେ ବିକ୍ଷୋଭ ଆରମ୍ଭ ହୋଇଯାଇ ପାରେ । ବିଭିନ୍ନ ଦାବିରେ ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ମଣିଷ ବିକ୍ଷୋଭରେ ଫାଟି ପଡିପାରେ । ବିଶ୍ୱବ୍ୟାପୀ ସାମ୍ରାଜ୍ୟବାଦୀ-ପୁଞ୍ଜିବାଦୀ ଜଗତରେ ସାଧାରଣ ମଣିଷ ମଧ୍ୟରେ ଚୂଡାନ୍ତ ଅସନ୍ତୋଷ, ଭିତରେ ଭିତରେ ବିକ୍ଷୋଭର ନିଆଁ ଜଳୁଛି । ଆମ ଦେଶରେ ମଧ୍ୟ ସେଇଆ । ଆମକୁ ପ୍ରସ୍ତୁତ ରହିବାକୁ ହେବ । ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଏକ ଅଭ୍ୟୁତ୍‌ଥାନ ଘଟିଯାଇ ପାରେ, ବିସ୍ଫୋରଣ ଘଟିପାରେ, ସଙ୍ଗେ ସଙ୍ଗେ ଆମେ ଯେମିତି ଝାମ୍ପି ପଡିପାରୁ, ନେତୃତ୍ୱ ଦେଇପାରୁ । ପୁଣି ଖାଲି ଆନ୍ଦୋଳନ କଲେ ହେବ ନାହିଁ । ଗୋଟିଏ ପ୍ରୋଗ୍ରାମ କଲେ ହିଁ ହେବ ନାହିଁ । ଏକ ବିକ୍ଷୋଭ ହେଲା, ଆନ୍ଦୋଳନରେ ଦାବି ଆଦାୟ ହେଲା । ମାତ୍ର ଆମର ମୂଳ ରାଜନୈତିକ ଲକ୍ଷ୍ୟ ଯଦି ଆନ୍ଦୋଳନ ସମୟରେ ଲୋକମାନେ ଜାଣି ନପାରନ୍ତି, ତାହେଲେ ମୂଳ ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ଅନ୍ୟ ସମୟରେ ସାଧାରଣ ଲୋକ ନିସ୍ତେଜ ଥାନ୍ତି । କିନ୍ତୁ ଆନ୍ଦୋଳନରେ ଜନଗଣ ତାତି ଉଠନ୍ତି, ଆଖି-କାନ ଠିଆ ହୋଇ ଯାଏ । ସେତେବେଳେ ରାସ୍ତାରେ ପୋଲିସ ସହିତ ସେମାନେ ଲଢିଚାଲନ୍ତି, ଥାନା ଘେରାଓ କରି ଥାଆନ୍ତି, ମଣିଷକୁ ରାଜନୀତି ଶିଖାଇବାର ଏହା ହେଉଛି ସମୟ । ଏହି ରାଷ୍ଟ୍ରଯନ୍ତ୍ର ଯିଏ ଜନଗଣଙ୍କର ଶତ୍ରୁ- ଏହା ବୁଝାଇବାର ସମୟ । ଏହି ସମସ୍ୟାଗୁଡ଼ିକ କେଉଁଠୁ ଆସୁଛି ? ବେକାର ସମସ୍ୟା, ଦରଦାମ ବୃଦ୍ଧି, ଦୁର୍ନୀତି, ଅନାଚାର, ବ୍ୟଭିଚାର ଆଦି ଯାହା କିଛି ସଂକଟ ଅଛି, ସେଗୁଡ଼ିକ କେଉଁଠୁ ଆସୁଛି ? ପୁଞ୍ଜିବାଦରୁ । ପୁଞ୍ଜିବାଦ ଜନଗଣଙ୍କର ଶତ୍ରୁ । ପୁଞ୍ଜିବାଦ ବିରୋଧୀ ବିପ୍ଲବ ଦରକାର । ସମାଜତାନ୍ତ୍ରିକ ବିପ୍ଲବ ଦରକାର । ଏସବୁ ବିଷୟ ଏଭଳିଭାବେ ବୁଝାଇବାକୁ ହେବ ଯଦ୍ୱାରା ସାଧାରଣ ଲୋକ ବୁଝିପାରିବେ । ଏଥିସହିତ ଧର୍ମାନ୍ଧତା, ସାମ୍ପ୍ରଦାୟିକତା, ଆଞ୍ଚଳିକତା,ଜାତିଭେଦ- ଏସବୁ ବିରୁଦ୍ଧରେ ମଧ୍ୟ ମାନସିକତା ଗଢିତୋଳିବାକୁ ହେବ । ଖୁଦୀରାମ ଦିବସରେ ମଧ୍ୟ ଏହିସବୁ ଆଲୋଚନା କରିବାକୁ

ହେବ। ଏହି ଆଲୋଚନା ବି ସଙ୍ଗୀତ ଆସରରେ କରିବାକୁ ହେବ। ଯାନ୍ତ୍ରିକଭାବେ ନୁହେଁ, ଯେଉଁ ପରିବେଶରେ ଯେଭଳି ଭାବେ କୁହାଯାଇ ପାରେ, ସେହିଭଳି ଭାବେ କହିବାକୁ ହେବ, ଯାହା ଫଳରେ ସେହି କଥା ମଣିଷର ମନକୁ ସ୍ପର୍ଶ କରି ପାରିବ। ଆନ୍ଦୋଳନର ଉତ୍ତପ୍ତ ଅବସ୍ଥାରେ ଲକ୍ଷ୍ୟ ରଖିବାକୁ ହେବ, ଜନଗଣଙ୍କ ମଧ୍ୟରେ କେଉଁମାନେ ଅଗ୍ରଗାମୀ ଭୂମିକା ପାଳନ କରୁଛନ୍ତି, ସେମାନଙ୍କୁ ଘନିଷ୍ଠ କରାଇବାକୁ ହେବ। ଜନଗଣଙ୍କ ମଧ୍ୟରେ ଶ୍ରେଣୀ ଦୃଷ୍ଟିଭଙ୍ଗୀ ଆଣିବାକୁ ହେବ। ସମାଜ ଯେ ଶ୍ରେଣୀ ବିଭକ୍ତ, ମାଲିକ-ଶ୍ରମିକ, ଧନୀ-ଗରିବ, ଉଭୟଙ୍କର ସ୍ୱାର୍ଥ ଏକ ହୋଇ ପାରେନା- ଯେଉଁ କଥା କମ୍ରେଡ୍ ଶିବଦାସ ଘୋଷ କହିଯାଇଛନ୍ତି, ସେ ସମ୍ପର୍କରେ ମଧ୍ୟ ସଜାଗ କରାଇବାକୁ ହେବ। ଭିନ୍ନ ଭିନ୍ନ ପ୍ରୋଗ୍ରାମ ଭିନ୍ନଭିନ୍ନ ଭାବେ କରିବାକୁ ହେବ। ଏହିଠାରେ, ଅର୍ଥାତ୍ କିଭଳି କହିବୁ ତାହା ଠିକ୍ କରିବା ମଧ୍ୟରେ ହିଁ ଆମର ବୁଦ୍ଧି, ବିଚାର, ବିଚକ୍ଷଣତା ନିହିତ ରହିଛି। ଏଗୁଡ଼ିକ ଭାବିବାକୁ ହେବ, ଚିନ୍ତା କରିବାକୁ ହେବ, ଚର୍ଚ୍ଚା କରିବାକୁ ହେବ। କର୍ମୀମାନଙ୍କୁ ସେହିଭଳିଭାବେ ତିଆରି କରିବାକୁ ହେବ। ଠିକ୍ ଭାବେ କହି ପାରିଛି କି ନାହିଁ ତାହା ସମୀକ୍ଷା କରିବାକୁ ହେବ। ଏଥର ଯଦି ଭଲଭାବେ କହି ନପାରିଛି, ଆସନ୍ତା ଥରକୁ ଆହୁରି ଭଲଭାବେ କହିବା ପାଇଁ ଚେଷ୍ଟା କରିବି। ଏଗୁଡ଼ିକ ଚର୍ଚ୍ଚା ହେବା ଦରକାର। ଏହା ହିଁ ହେବ ୨୪ ଘଣ୍ଟାର ସାଧନା। ଏହି ୨୪ ଘଣ୍ଟା ସାଧନା ମଧ୍ୟରେ ନିମଗ୍ନ ରହିବାକୁ ହେବ। ଏହି କଥା କହିବା ପାଇଁ ହିଁ ମୁଁ ଏହି ମିଟିଂ ଚାହିଁଛି। ଜାଣେନା, କେତେଟା ଆପଣମାନଙ୍କୁ ବୁଝାଇ ପାରିଲି।

ଆପଣମାନଙ୍କୁ ଆଉ ଏକ ଘଟଣାର କଥା କହୁଛି। ଶୁଣିଲେ ଆପଣମାନେ ଲୁହ ସମ୍ବରଣ କରି ପାରିବେ ନାହିଁ। ଶ୍ରଦ୍ଧେୟ କମ୍ରେଡ୍ ସୁବୋଧ ବାନାର୍ଜୀଙ୍କ ମରଦେହ ନେଇ ଯେଉଁ ଶୋକ ଶୋଭାଯାତ୍ରା ହୋଇଥିଲା- ତାହାର ଶୃଙ୍ଖଳା, ଶାଳୀନତା, ଶୋକାର୍ତ୍ତ ହୃଦୟରୁ ଉତ୍‌ସାରିତ ଆନ୍ତର୍ଜାତିକ ସଂଗୀତର ଉଦାତ୍ତ ଆହ୍ୱାନ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ନାଗରିକଗଣଙ୍କୁ ମୁଗ୍ଧ କରିଥିଲା। ଆମ ଦଳ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଭାବ ପଡିଥିଲା, ଏକ ଆଲୋଚ୍ୟ ବିଷୟ ହୋଇଥିଲା। ଏହି ଶୋଭାଯାତ୍ରା ସମ୍ପର୍କରେ ଯେଉଁ ଆଲୋଡନ ସୃଷ୍ଟି ହୋଇଥିଲା, ତାହା କମ୍ରେଡ୍ ଶିବଦାସ ଘୋଷ ଶୁଣିଥିଲେ, ଶୋଭାଯାତ୍ରା ମଧ୍ୟ ଲକ୍ଷ୍ୟ କରିଥିଲେ। ତା' ପରଦିନ ମୋତେ ଅଫିସରେ କହିଲେ, ଏହାପରେ ଯେଉଁ ଶୋକ ଶୋଭାଯାତ୍ରା କରିବ, ଗ୍ରାମର ନୂତନ ଲୋକମାନେ ଯେଉଁଠି ରହିବେ, ସେଠି ଯେମିତି ଆହୁରି ଭଲେଣ୍ଟିୟର ରୁହନ୍ତି। ଶୁଣିଲି, ଚୁପ୍ ହୋଇ ରହିଲି। ବୁଝିଲି, କେଉଁ ଶୋକ

ଶୋଭାଯାତ୍ରା ସମ୍ପର୍କରେ କହୁଛନ୍ତି । ତାଙ୍କର ଶରୀର ଖରାପ ହେଉଥିଲା, ବୁଝିପାରୁଥିଲେ, ତାଙ୍କର ମଧ୍ୟ ଦିନ ସରି ଆସୁଛି । ତାଙ୍କ ଶବଦେହ ବାହିତ ଶୋକ ଶୋଭାଯାତ୍ରା ସମ୍ପର୍କରେ କହୁଛନ୍ତି । ଆହୁରି ଯେମିତି ସାଧାରଣ ଲୋକଙ୍କୁ ଦଳ ସମ୍ପର୍କରେ ଆକୃଷ୍ଟ କରିପାରୁ, ଶ୍ରଦ୍ଧାଶୀଳ କରିପାରୁ, ସର୍ବହରା ଶ୍ରେଣୀର ମୁକ୍ତି ସଂଗ୍ରାମକୁ ଶକ୍ତିଶାଳୀ କରିପାରୁ । ଥରେ ଭାବି ଦେଖନ୍ତୁ, ଶୋଷିତ ଜନଗଣଙ୍କର ମୁକ୍ତି ସଂଗ୍ରାମ, ସର୍ବହରା ଶ୍ରେଣୀର ଦଳ ଓ ବିପ୍ଳବକୁ ଶକ୍ତିଶାଳୀ କରିବା ଥିଲା ତାଙ୍କ ସମଗ୍ର ଜୀବନର ସାଧନା । ଏହାଛଡା ତାଙ୍କର ଆଉ କୌଣସି ଚିନ୍ତା ନଥିଲା । ତାଙ୍କ ଶବଦେହ ବାହିତ ଶୋକ ଶୋଭାଯାତ୍ରା ମଧ୍ୟ ଯେମିତି ଏହି କାମରେ ଲାଗେ, ଏହି ଚିନ୍ତା ହିଁ କରିଛନ୍ତି । What a great revolutionary he was, how greatly he was identified with the class and revolution!

କମ୍ରେଡ୍ ସୁବୋଧ ବାନାର୍ଜୀଙ୍କ ସ୍ମରଣ ଉପଲକ୍ଷେ ଅନୁଷ୍ଠିତ କର୍ମୀସଭାରେ ସେ ଯେଉଁ ଭାଷଣ ଦେଇଥିଲେ, ତାହା ମଧ୍ୟ ଶୁଣି ଶୁଣି ମନେ ହେଉଥିଲା, କମ୍ରେଡ୍ ସୁବୋଧ ବାନାର୍ଜୀଙ୍କ ମୂଲ୍ୟାୟନ କରିବାକୁ ଯାଇ ପ୍ରକୃତପକ୍ଷେ ନିଜର ମୃତ୍ୟୁ ଜନିତ ଶୋକକୁ କର୍ମୀମାନେ କିଭଳି ସମ୍ଭାଳିବେ ଏବଂ ଦଳର ଦାୟିତ୍ୱ ପାଳନ କରିବେ, ସେହି ଶିକ୍ଷା ହିଁ ରଖିଯାଇଛନ୍ତି ।

କମ୍ରେଡ୍ ଶିବଦାସ ଘୋଷଙ୍କ ମୃତ୍ୟୁ ସମୟରେ ମୁଁ ଉପସ୍ଥିତ ଥିଲି । ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ଆମେ ଯେଉଁ କେତେ ଜଣ ପାଖରେ ଥିଲୁ, ଆମ ଆଡକୁ ଥରେ ସେ ଚାହିଁଲେ, ଏହି ଭରସା ପାଇବାକୁ ଚାହିଁ ଥିଲେ ଯେ ଏମାନେ ଏହି ବିପ୍ଳବର ଝଣ୍ଡା ବହନ କରି ଯିବେ । ମୁଁ ବହୁ ମିଟିଂରେ ହିଁ କହିଛି, ମୃତ୍ୟୁର ଚାରି ଦିନ ପୂର୍ବରୁ କହିଥିଲେ, ମୋ ଭାଷଣର ବହି ପଢି, ମୁଖସ୍ତ କରି ବକ୍ତୃତା ଦେଲେ ତୁମେମାନେ କରତାଳି ପାଇବ, କିନ୍ତୁ କାମ ହେବ ନାହିଁ । ଶୋଷିତ ମଣିଷ ପ୍ରତି ମୋ ଭିତରେ ଯେଉଁ ବ୍ୟଥା ବେଦନା, ଏହି ବ୍ୟଥା ବେଦନାରୁ ମୋର ଯେଉଁ କଥାଗୁଡ଼ିକ ଆସୁଛି, ଏହି ବ୍ୟଥା ବେଦନା ଯଦି ତୁମମାନଙ୍କ ବୁକୁରେ ନଥାଏ, ତାହେଲେ ମୋର ବହି ମୁଖସ୍ତ କରି କୌଣସି କାମ ହେବ ନାହିଁ । ସେତେବେଳେ ମଧ୍ୟ ଜାଣି ନଥିଲି ଯେ, ସେ ମୃତ୍ୟୁ ଦୁଆରେ ଠିଆ ହୋଇଛନ୍ତି । ମୋର ନିଜ କଥା କହୁଛି । ୫ ଅଗଷ୍ଟରେ କମ୍ରେଡ୍ ଶିବଦାସ ଘୋଷଙ୍କର ମୃତ୍ୟୁ ହୁଏ, ଜୁନ୍ ମାସରେ ମୁଁ ଦକ୍ଷିଣ ଭାରତରୁ ଫେରିଥାଏ । ମୋତେ ପୋଲିସ ଆନ୍ଧ୍ରପ୍ରଦେଶରେ ଧରିଥିଲା, ଇମରଜେନ୍ସି (ଜରୁରୀ ପରିସ୍ଥିତି) ଚାଲୁଥିଲା, ଯେକୌଣସି କେସ୍ ଦେଇ ପାରନ୍ତି । ମାତ୍ର ମୁଁ କମ୍ରେଡ୍ ଶିବଦାସ ଘୋଷଙ୍କ ଶିକ୍ଷାନୁଯାୟୀ ପୋଲିସକୁ ଟ୍ୟାକଲ୍ କରି

ଖସି ଆସିଥିଲି । ସେହି କାହାଣୀ ମୁଁ ଏଠାରେ କହିବାକୁ ଚାହେଁ ନା । ସେ ଶୁଣି ଖୁବ ସନ୍ତୁଷ୍ଟ ହୋଇଥିଲେ । ସନ୍ଧ୍ୟାବେଳେ ଅଫିସରେ ଦେଖା । ମୁଁ ଭିତରୁ ଆବେଗରେ କହି ପକାଇଲି, ଆମେ ଯଦି ଆପଣଙ୍କୁ ୮-୧୦ ବର୍ଷ ପାଉ, ତେବେ ଆମେ ଭାରତବର୍ଷକୁ ଜୟ କରି ପାରିବୁ । ସେ ମୋ ଆଡକୁ ସ୍ଥିର ଦୃଷ୍ଟିରେ ଚାହିଁଥିଲେ, ସେହି ଦୃଷ୍ଟି ଥିଲା ଅଲଗା । କହିଲେ, ଯା ରଖିଗଲି, ତୁମେ ପାରିବନି ? ମନେରଖିବେ,ଏହି 'ତୁମେମାନେ' କହିଲେ କେବଳ ମୁଁ ନୁହେଁ, ଏହା ମଧ୍ୟରେ ଆପଣମାନେ ସମସ୍ତେ ହିଁ ଅଛନ୍ତି । ଆଜି ବି ଯେ ମୁଁ ଲଢୁଛି, ଚାଲୁଛି, ପ୍ରତିଦିନ ସକାଳୁ ଉଠି ବ୍ୟାୟାମ କରୁଛି, ଯାହା କିଛି କରୁଛି, ତା' ପଛରେ ଅଛି ସେହି ଆଖିର ଚାହାଣି, ଆଉ ଶେଷ ମୁହୂର୍ତ୍ତର ତାଙ୍କର ଆବେଦନ- ଏହା ପ୍ରତି ମୁହୂର୍ତ୍ତରେ ମୋର ବିବେକକୁ ଧକ୍କା ଦେଇ ଚାଲେ । ଫଳରେ ଆପଣମାନଙ୍କ ନିକଟରେ ମଧ୍ୟ ଏହି ଆବେଦନ ମୁଁ ରଖିଗଲି । ଆପଣମାନେ ଗ୍ରହଣ କରିବେ ତ ? ଆପଣମାନେ କଥା ଦେଉଛନ୍ତି ତ ?(ଉପସ୍ଥିତ ସମସ୍ତେ ହାତ ଉଠାଇ ସମର୍ଥନ କଲେ) ମୁଁ ଏଠାରେ ହିଁ ଶେଷ କଲି ।

**ଇନ୍‌କ୍ଲାବ୍ ଜିନ୍ଦାବାଦ୍**
**ସର୍ବହରାର ମହାନ୍ ନେତା କମ୍ରେଡ୍ ଶିବଦାସ ଘୋଷ ଲାଲ୍ ସଲାମ୍**

★★★